# ପରମେଶ୍ୱରଙ୍କ ମନୋନୀତ ଉପାସନାର ସ୍ଥାନ

ଆସନ୍ତୁ ଆମେମାନେ ଅଳ୍ପ କିଛି କ୍ଷଣ ପାଇଁ ଛିଡା ହୋଇ ରହିଥିବା ଯେତେବେଳେକି ଆମେ ପ୍ରାର୍ଥନା ନିମନ୍ତେ ମସ୍ତକଗୁଡିକୁ ନତ କରୁ । ଏବଂ ବର୍ତ୍ତମାନ, ଆମର ମସ୍ତକଗୁଡିକୁ ନତ କରିଥିବା ସହ, ଆଉ ମୁଁ ଭରସା କରେ ଯେ ଆମର ହୃଦୟଗୁଡିକ ମଧ୍ୟ ନତ ହୋଇଅଛି, ମୁଁ ଆଶ୍ଚର୍ଯ୍ୟ କରେ ଯେ ଆଜି ରାତି ଏଠାରେ କେତେଜଣ ଅଛନ୍ତି ଯେଉଁମାନେକି କିଛି ବିଶେଷ କଥାକୁ ନେଇ, ପ୍ରାର୍ଥନାରେ ମନେ ପକାଯାଉ ବୋଲି ଚାହିଁବେ? କଅଣ ଆପଣ କେବଳ ନିଜର ହାତକୁ ଉଠାଇ, ଏହା କହିବେ କି, "ପରମେଶ୍ୱର, ଆଜି ରାତିରେ ମୋତେ ତାହା ପ୍ରଦାନ କର ଯାହା ମୁଁ ଖୋଜୁଅଛି ।" ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

2 ଆମମାନଙ୍କର ସ୍ୱର୍ଗୀୟ ପିତା, ବର୍ତ୍ତମାନ ଯେତେବେଳେକି ଆମେ ବିନମ୍ରତାର ସହ ଅନୁଗ୍ରହର ଏହି ମହାନ ସିଂହାସନ ନିକଟକୁ ଆସୁଅଛୁ, ବିଶ୍ୱାସ ଦ୍ୱାରା, ଆମେ ଆରପାରିକୁ ଯାଉ; ଯେଉଁଠାରେ ପରମେଶ୍ୱର, ଏବଂ ସ୍ୱର୍ଗଦୂତଗଣ, ଓ କିରୂବଗଣ, ଆଉ ସମସ୍ତ ସ୍ୱର୍ଗୀୟ ସୈନ୍ୟ ଏକତ୍ରିତ ହୋଇଥାନ୍ତି । କାରଣ ସେ କହିଥିଲେ ଯେ ଏପରିକି ଗୋଟିଏ ଘର ଚଟିଆ ସୁଦ୍ଧା ସ୍ୱର୍ଗୀୟ ପିତାଙ୍କୁ ନ ଜଣା ହୋଇ ଭୂମିରେ ପଡ଼ିପାରେ ନାହିଁ । ତାହାହେଲେ ସେ ଏଠାରେ କେତେ ଅଧିକ ଜାଣିଛନ୍ତି ଯେତେବେଳେକି ଶହ ଶହ ଲୋକ ମୁଣ୍ଡ ନୁଆଁଇ ଅଛନ୍ତି, ଏବଂ ବିଶେଷ ଅନୁରୋଧଗୁଡିକ ପାଇଁ ତୁମକୁ ଡାକୁଛନ୍ତି । ପିତା, ଆଜି ରାତି ଅଭାବୀ ଜଗତ ଉପରକୁ ଦେଖ, କାରଣ ଆମେ ଏକ ଅଭାବୀ ଲୋକ ଅଟୁ ।

3 ଏବଂ ମୁଁ ପ୍ରାର୍ଥନା କରେ, ପରମେଶ୍ୱର, ଯେହେତୁ ଆମେ ଏଠାରେ ଏକତ୍ରିତ ହୋଇଅଛୁ ଓ ଜୀବନ୍ତ ପରମେଶ୍ୱରଙ୍କ ଉପରେ ଆମର ବିଶ୍ୱାସକୁ ପ୍ରକାଶ କରୁଅଛୁ ଯିଏକି ପ୍ରାର୍ଥନାର ଉତ୍ତର ଦିଅନ୍ତି; ଆମେ ହୃଦୟ ଓ କର୍ଣ୍ଣଗୁଡିକର, ଅସୁନ୍ନତ ଜଗତରୁ ବାହାରି ଆସିଛୁ, ଏକ ପୃଥକ ଜୀବନ ଯାପନ କରିବା ନିମନ୍ତେ, ଏବଂ ତୁମ ଉପରେ ଆମର ବିଶ୍ୱାସକୁ ସ୍ୱୀକାର କରି ବଞ୍ଚିବା ନିମନ୍ତେ ବାହାରି ଆସିଛୁ । ଆଜି ରାତି ଆମେ ନିଜର ହାତ ଉଠାଇଅଛୁ, ଏବଂ କହୁଅଛୁ, "ଆମେ ଅଭାବୀ ଅଟୁ ।" ପ୍ରିୟ ପରମେଶ୍ୱର, ସେମାନଙ୍କର ପ୍ରତ୍ୟେକ ଅନୁରୋଧଗୁଡିକର ଉତ୍ତର ଦିଅ ।

4 ଏବଂ ତାହାପରେ, ପିତା, ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆଜି ରାତି ବାକ୍ୟରେ ଆମକୁ ସାକ୍ଷାତ କରିବ । ଆମେ ସଂଶୋଧନ ପାଇଁ ଏଠାକୁ ଆସୁଛୁ, ବୁଝିବା ପାଇଁ ଆସୁଛୁ, ଯେପରିକି ଆମେ କେବଳ ଜାଣିପାରୁ ଯେ ଆମେ କିପରି ଏହି ଆଜିର ଦିନରେ ରହିବା; ଆଗକୁ କଅଣ ଅପେକ୍ଷା କରିବା, କଅଣ କରିବା । କାରଣ, ଆମେ ଜାଣୁ ଯେ ଭବିଷ୍ୟଦ୍‌ବକ୍ତାମାନଙ୍କର ପୂର୍ବରୁ କହିଥିବା ସମସ୍ତ ଚିହ୍ନଗୁଡିକ ଅନୁଯାୟୀ, ପ୍ରଭୁଙ୍କ ଆଗମନ ସନ୍ନିକଟ ଅଟେ । ପ୍ରଭୁ, ଆମେ ସେହି

ସମୟକୁ ପାଖେଇ ଆସୁଛୁ, ଯେତେବେଳେ ତୁମର ସନ୍ତାନମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତି ଦିଆଯିବ । ହେ ପରମପିତା ପରମେଶ୍ୱର, ଏହା ହେଉ ଯେ, ଆମେ ସମସ୍ତେ, ସେଠାରେ ରହୁ । ଜଣେ ହେଲେ ବି ନିଖୋଜ ନ ହେଉ । ପ୍ରଭୁ, ଏଠାରେ ରହିବାର ଆମର ତାହାହିଁ ଉଦ୍ଦେଶ୍ୟ ଅଟେ । ଆମେ ତୁମକୁ ପ୍ରେମ କରୁ, ଏବଂ ଆମେ ସେହି ଘଡିକା ପାଇଁ ପ୍ରସ୍ତୁତ ହେବାକୁ ଚେଷ୍ଟା କରୁଛୁ ।

5 ଆମ ସହିତ କଥା ହୁଅ ବୋଲି, ଆଜି ରାତି, ଆମେ ପୁଣି ଥରେ ବିନତୀ କରୁଛୁ । ଏବଂ ରୋଗୀମାନଙ୍କୁ ସୁସ୍ଥ କର । ସମସ୍ତ ରୋଗୀ ଏବଂ ଦୁଃଖୀମାନ ଯେଉଁମାନେକି ଭବନରେ ଅଛନ୍ତି, ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ସେମାନଙ୍କୁ ସୁସ୍ଥ କରିବ, ପ୍ରଭୁ; ଏବଂ ବିଶେଷକରି ସେମାନଙ୍କୁ ଯାହାଙ୍କରକି ଆତ୍ମିକ ଆବଶ୍ୟକତା ରହିଛି । ଆମେ ପ୍ରାର୍ଥନା କରୁଛୁ ଯେ ଆପଣ ପ୍ରତ୍ୟେକ ବିନଷ୍ଟ ହୋଇଥିବା ପ୍ରାଣକୁ ରକ୍ଷା କରିବ । ପ୍ରତ୍ୟେକ ବିଶ୍ୱାସୀଙ୍କୁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ କର । ଏବଂ ତୁମର ବିଶ୍ୱାସୀ ପିଲାମାନଙ୍କ ମଧ୍ୟରେ ଶକ୍ତି ଏବଂ ସାମର୍ଥ୍ୟକୁ ନୂତନୀକୃତ କର । ପିତା, ଏହି ବିଷୟଗୁଡ଼ିକୁ ପ୍ରଦାନ କର । ଆମେ ବହୁତ ମାଗୁଅଛୁ, କାରଣ ତୁମେ ଆମକୁ ମାଗିବାକୁ କହିଛ, "ପ୍ରଚୁର ମାଗ, ବଡ଼ ବଡ଼ ବିଷୟଗୁଡିକୁ ମାଗ, ସେମାନଙ୍କ ମଧ୍ୟରୁ ଅନେକେ," ଯାହାଫଳରେକି ଆମର ଆନନ୍ଦ ପରିପୂର୍ଣ୍ଣ ହେବ। ଏବଂ ଆମେ ସେଗୁଡିକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁ । ଆମେନ୍ ।

ବସିଯାଇ ପାରନ୍ତି ।

6 ମୁଁ ନିଶ୍ଚିତ ଭାବରେ ଆଜି ରାତି ଏହା ଏକ ବଡ଼ ସୌଭାଗ୍ୟର ବିଷୟ ବୋଲି ମନେ କରେ, ଯେ ପୁନର୍ବାର ଏଠାରେ ପ୍ରଚାର ମଞ୍ଚରେ, ଏହି ଉଚ୍ଚ ବିଦ୍ୟାଳୟଠାରେ, ସୁସମାଚାର ଶୁଣିବାକୁ ଏକତ୍ରିତ ହୋଇଥିବା ଏହି ଉତ୍ତମ ଲୋକମାନଙ୍କର ସମ୍ମୁଖାସମ୍ମୁଖୀ ହୋଇପାରିଛି । ମୁଁ ପରମେଶ୍ୱରଙ୍କ ଦୟାକୁ ମାଗୁଛି ଯେ ସେ ମୋତେ ଆପଣମାନଙ୍କୁ ସତ୍ୟ କହିବା ହେତୁ ସାହାଯ୍ୟ କରିବେ ଯେତିକି ସତ୍ୟ ମୁଁ ଜାଣେ । ସେ ଏବେ ସୁଦ୍ଧା ମନୁଷ୍ୟର ମୁଖ ବନ୍ଦ କରିପାରନ୍ତି, ଠିକ୍ ଯେପରିକି ସେ ସିଂହର ମୁଖ ବନ୍ଦ କରିପାରିଥିଲେ । ଏବଂ ଯଦି ମୁଁ କେବେ ଏପରି କୌଣସି ବିଷୟ କହିବାକୁ ଚେଷ୍ଟା କରିବୀ ଯାହାକି ଭୁଲ୍ ଅଟେ ଓ ତାହାଙ୍କ ଇଚ୍ଛାର ବିରୁଦ୍ଧରେ ଅଟେ, ମୋର ସତ୍ୟନିଷ୍ଠ ପ୍ରାର୍ଥନା ଯେ ସେ ମୋ ମୁଖକୁ ବନ୍ଦ କରି ଦିଅନ୍ତୁ, ଯେପରିକି ମୁଁ ତାହା ନ କୁହେ । କାରଣ, ପ୍ରକୃତରେ, ମୁଁ ନିଜେ, ସ୍ୱର୍ଗରେ ରହିବାକୁ ଚାହେଁ; ଆଉ ମୁଁ କଦାପି ସେଠାରେ ରହିବି ନାହିଁ, ଏବଂ, ତାହା ସବୁ ବ୍ୟତୀତ, ମୁଁ ଜଣେ ମିଥ୍ୟା ନେତା ହେବି, ଏପରି କେହି ଯିଏକି କୌଣସି ବିଷୟ ମିଥ୍ୟା ଭାବରେ କରିଅଛି । ଯଦି ମୁଁ ତାହା କରେ, ତାହା ଏଇଥି ପାଇଁ ଅଟେ କାରଣ ମୁଁ ଆଉ କିଛି ଅନ୍ୟ ଭିନ୍ନ ବିଷୟ ଜାଣେ ନାହିଁ । ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

7 ବର୍ତ୍ତମାନ, ଆସନ୍ତାକାଲି ସକାଳେ, ଯଦି ଏହା ପରମେଶ୍ୱରଙ୍କ ଇଚ୍ଛା ହୁଏ, ତେବେ ମୁଁ ସେହି ବିଷୟ, *ବିବାହ ଏବଂ ଛାଡପତ୍ର* ଉପରେ କହିବାକୁ ଲକ୍ଷ୍ୟ ରଖିଛି । ଏବଂ ଆମେ ବିଶ୍ୱାସ କରୁ ଯେ ଆପଣମାନେ ଆସିବେ, ଏବଂ ଆପଣଙ୍କର ପେନ୍ସିଲ ଏବଂ କାଗଜ ଆଣିବେ। ଆମେ ଅଧିକ ସମୟ ନେବା ନାହିଁ, କିନ୍ତୁ ମୁଁ କେବଳ ଚାହିଁବି…ମୋର ଇଣ୍ଡିୟାନାକୁ, ଫେରିବା

ପଛରେ ତାହାହିଁ, ପ୍ରଥମ ଉଦ୍ଦେଶ୍ୟ ଥିଲା, ଯେ ମୁଁ ଆପଣମାନଙ୍କୁ ତାହା ପ୍ରତିଜ୍ଞା କରିଥିଲି। ଏବଂ ଆସନ୍ତାକାଲି ସକାଳେ, ମୁଁ ଚେଷ୍ଟା କରିବି। ଯଦି ମୁଁ ତାହାକୁ ଆସନ୍ତାକାଲି ସକାଳେ ପାଏ ନାହିଁ, ତେବେ ଆସନ୍ତାକାଲି ରାତିରେ କରିବି। କିନ୍ତୁ ମୁଁ ଆସନ୍ତାକାଲି ସକାଳେ ଚେଷ୍ଟା କରିବାକୁ ଯାଉଅଛି, ଯଦି ପ୍ରଭୁ ଇଚ୍ଛା କରନ୍ତି, ଏହି ଦୁଇଟି ଚିନ୍ତାଧାରା ବିଦ୍ୟାଳୟର, ବିଷୟରେ କହିବାକୁ। ଏବଂ ପରମେଶ୍ୱର ଆମକୁ ଜାଣିବାରେ ସାହାଯ୍ୟ କରନ୍ତୁ ଯେ ସତ୍ୟ କଅଣ ଅଟେ, କେବଳ ଏହା ଜାଣିବା ପାଇଁ ଯେ ସତ୍ୟ କଅଣ, ଯେପରିକି ଆମେ ସତ୍ୟ ଓ ଆଲୋକରେ ଚାଲିପାରୁ। ଆମେ...

8 ଆପଣ ଜାଣନ୍ତି, ଜଣେ ପୁରୁଣା ଅଶ୍ୱେତ ବନ୍ଧୁ ଥିଲେ। ସେ ମୋତେ କହିଲେ, ସେ କହିଲେ, "ଭାଇ ବିଲି," ସେ କହିଲେ, "ମୁଁ—ମୁଁ ନଦୀରେ କୌଣସି ଅସୁବିଧା ଚାହେଁ ନାହିଁ।" ସେ କହିଲେ, "ମୁଁ ମୋର ଟିକେଟ୍ ମୋ ନିଜ ହାତରେ ରଖିବାକୁ ଚାହେଁ। ଏବଂ ଯେତେବେଳେ ଶିଟି ବାଜିବ, ମୁଁ ସେଠାରେ କୌଣସି ଅସୁବିଧା ଚାହେଁ ନାହିଁ। ମୁଁ ବହୁତ ଦିନ ପୂର୍ବରୁ, ପ୍ରଭୁଙ୍କୁ ପଚାରିଥିଲି, ଯଦି କିଛି ଭୁଲ୍ ଥାଏ, ତେବେ ମୋତେ ତାହା ବର୍ତ୍ତମାନ ହିଁ ସମାଧାନ କରିବାକୁ ଦିଅ," କହିଲେ, "ଯେହେତୁ ସେହି ଦିନ ସକାଳେ ଜାହାଜଟି ଅନ୍ୟ ପାର୍ଶ୍ୱକୁ ଯାଉଥିବାବେଳେ ଏହା ଅନ୍ଧକାର ଏବଂ ଝଡ଼ ତୋଫାନ ହେଉଥିବ।" କହିଲେ, "ମୁଁ କୌଣସି ହସ୍ତକ୍ଷେପ ଚାହେଁ ନାହିଁ। ମୁଁ ବର୍ତ୍ତମାନ ହିଁ ଏହାର ସମସ୍ତ ବିଷୟର ଯତ୍ନ ନେବାକୁ ଚାହେଁ।" ତାହାରି ପାଇଁ ତ ଆମେ ଏଠାରେ ଅଛୁ, ସମସ୍ତ ହସ୍ତକ୍ଷେପର ଯତ୍ନ ନେବାକୁ ଚେଷ୍ଟା କରୁଛୁ, ଯେପରିକି ଆମେ ସେହି ଘଟିକାରେ ତାହା ଭିତରକୁ ପ୍ରବେଶ କରିପାରୁ।

9 ତେବେ, ଆଜି ରାତି ମୁଁ ଆପଣମାନଙ୍କ ସହିତ ଅଧିକ କଥାବାର୍ତ୍ତା କରିବି ନାହିଁ, କାରଣ ଆସନ୍ତାକାଲି ଆମର ଦୁଇଟି ସେବା ରହିଛି। ଏବଂ ତାହାପରେ ମୁଁ ସୀଧାସଳଖ, ଅନ୍ୟ, କୌଣସି ସ୍ଥାନକୁ, ଅଧିକ ସେବା ନେବା ପାଇଁ ଚାଲିଯିବି।

10 ମାତ୍ର, ବର୍ତ୍ତମାନ, ଦ୍ୱିତୀୟ ବିବରଣର ପୁସ୍ତକରେ। ମୁଁ ଦ୍ୱିତୀୟ ବିବରଣର, ପର୍ବ 16ଶ ରୁ, ପ୍ରଥମ ତିନୋଟି ପଦ, 16:1ରୁ 3 ପାଠ କରିବାକୁ ଇଚ୍ଛା କରେ।

> *ଆବୀବ୍ ମାସକୁ ମାନ୍ୟ କର ଓ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ... ନିସ୍ତାରପର୍ବ ପାଳନ କର: ...ଆବୀବ୍ (ଚତୁର୍ଥ) ମାସରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ରାତ୍ରୀ କାଳରେ ମିସରରୁ ବାହାର କରି ଆଣିଲେ—ବାହାର କରି ଆଣିଲେ।*
>
> *ପୁଣି ସଦାପ୍ରଭୁ ଆପଣା ନାମ ବାସ କରାଇବା ପାଇଁ ଯେଉଁ ସ୍ଥାନ ମନୋନୀତ କରିବେ, ସେହି ସ୍ଥାନରେ ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ, ଉଦ୍ଦେଶ୍ୟରେ ଗୋମେଷାଦି ପଲରୁ ନିସ୍ତାରପର୍ବୀୟ ବଳିଦାନ କରିବ।*

11 ତେବେ, ଆଜି ରାତ୍ରି ମୋର ବିଷୟ ହେଉଛି: *ପରମେଶ୍ୱରଙ୍କ ମନୋନୀତ ଉପାସନାର ସ୍ଥାନ।*

ଯଦି ଆପଣ ଧ୍ୟାନ ଦେବେ, ସେଠାରେ ଥିବା ସେହି ମାସ ଅ-ବ-ଅ-ଦ...-ବ, ତାର ଅର୍ଥ, "ଏପ୍ରିଲ୍।" ଏପ୍ରିଲ୍ ମାସ ହିଁ ଥିଲା ଯେତେବେଳେ ସେମାନଙ୍କୁ ବାହାରକୁ ଅଣାଯାଇଥିଲା।

ଏବଂ ବର୍ତ୍ତମାନ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଆଜି ରାତି ଆମେ, ପରମେଶ୍ୱରଙ୍କ ଉପାସକ ଭାବରେ, ଏହି ଯେଉଁ ଦିନରେ ଆମେ ବାସ କରୁଛୁ, ଆଉ ଆମେ ଅନେକ ଭିନ୍ନ ଧାରଣାର ଲୋକମାନଙ୍କୁ ପାଉ। ଏବଂ ଯେପର୍ଯ୍ୟନ୍ତ ଗୋଟିଏ ଜିନିଷ ବିଷୟରେ ଭିନ୍ନ ଧାରଣାମାନ ରହିଥାଏ, ସେଠାରେ ବିଭିନ୍ନ ପ୍ରଶ୍ନମାନ ରହିଥାଏ; ତେବେ ପଚରାଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ପ୍ରକୃତ ଉତ୍ତର ରହିବା ଆବଶ୍ୟକ।

ଯଦି ମୁଁ ସେହି ପ୍ରଶ୍ନ ପଚାରିବି, "*ଏହା* କଅଣ ଅଟେ?"

"ତେବେ," ସେମାନେ କହିବେ, "ଏକ ଡେସ୍କ।"

"ଏହା କଅଣ ପାଇଁ ଅଟେ?" ବୁଝିଲେ?

12 ତେବେ, ସେଠାରେ, କେହି ଜଣେ କହିପାରିବେ, "ଏହା ଏକ ଡେସ୍କ ନୁହେଁ। ଏହା ଏକ ବୋର୍ଡ ଅଟେ।" ତେବେ, ଏହା ଏକ ବୋର୍ଡ, କିନ୍ତୁ ତଥାପି ଏହା ଏକ ଡେସ୍କ ଅଟେ। ଆପଣ ଦେଖନ୍ତୁ, ଏହାର ଏକ ପ୍ରକୃତ ଉତ୍ତର ହେବା ଆବଶ୍ୟକ।

ଏବଂ ଯଦି ମୁଁ କୌଣସି ବିଷୟରେ ଏକ ପ୍ରଶ୍ନ ପଚାରିବି, ତାହାର ଏକ ପ୍ରକୃତ ଉତ୍ତର ରହିବା ଆବଶ୍ୟକ। ତାହାର ନିକଟବର୍ତ୍ତୀ କିଛି ଗୋଟାଏ ହୋଇପାରେ; କିନ୍ତୁ ପ୍ରତ୍ୟେକ ପ୍ରଶ୍ନର ଏକ ପ୍ରକୃତ, ପ୍ରତ୍ୟକ୍ଷ ଉତ୍ତର ହେବା ଆବଶ୍ୟକ। ତେଣୁକରି, ଅତଏବ, ଆମ ଜୀବନରେ ଆସୁଥିବା ପ୍ରତ୍ୟେକ ପ୍ରଶ୍ନ, ତାହାର ଏକ ପ୍ରକୃତ, ସଠିକ୍ ଉତ୍ତର ରହିବା ଆବଶ୍ୟକ।

13 ଏବଂ ବର୍ତ୍ତମାନ, ଆଜି, ଆମେ ଏହା କୁହାଯାଉଥିବାର ଶୁଣିଥାଉ—ଶୁଣିଥାଉ, ଆଜି ଜଗତରେ ଆମର ଅନେକ ଲୋକମାନେ...

ମୁଁ ଜଣେ ମିଶନାରୀ ଭାବରେ, ସମୁଦ୍ର ତଥା ସମଗ୍ର ବିଶ୍ୱରେ ଅନେକ ଯାତ୍ରା କରିଅଛି, ଅନ୍ୟାନ୍ୟ ଭିନ୍ନ ଧର୍ମଗୁଡିକ ସହିତ ଯୋଗାଯୋଗରେ ଆସିଛି, ଯେପରିକି ବୁଦ୍ଧ, ଓ ମହମ୍ମଦ, ଏବଂ ଶିଖ୍, ଓ ଜୈନ, ଆଉ ଅନ୍ୟ-କିଛି, ବିଶ୍ୱର ଧର୍ମମାନ। ଏବଂ ତାହାପରେ ଏଠାରେ ଆମର ନିଜ ଯୁକ୍ତରାଷ୍ଟ୍ରରେ; ଏବଂ ଅନ୍ୟ ବିଦେଶୀ ଦେଶଗୁଡିକରେ, ଆମର ସମସ୍ତ ଭିନ୍ନ ମଣ୍ଡଳୀଗୁଡିକ ସହିତ ସାକ୍ଷାତ କରିଛି, ଯେପରିକି ଆମର ନାମଧାରୀ ମଣ୍ଡଳୀମାନ, ପ୍ରାରମ୍ଭିକ ରୋମାନ୍ କ୍ୟାଥୋଲିକ୍ ସହିତ ଆରମ୍ଭ କରି, ଏବଂ ତାହାପରେ ଗ୍ରୀକ୍, ଓ ଅନ୍ୟାନ୍ୟ, ଆଉ ସେହି—ସେହି ବିଭିନ୍ନ ରୀତିନୀତି, ଏବଂ ତାହାପରେ ତଳକୁ...ସମସ୍ତ ନାମଧାରୀ ଯୁଗମାନ ଦେଇ ନଅ ଶହ ଏବଂ ସେହିପରି କିଛି ବିଭିନ୍ନ ପ୍ରୋଟେଷ୍ଟାଣ୍ଟ ନାମଧାରୀ ସଂସ୍ଥାମାନଙ୍କର।

ତେବେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକର, ଅବଶ୍ୟ, ଆପଣ ସେମାନଙ୍କର ଧାରଣା ଦେଖିପାରନ୍ତି, ଏବଂ ମୁଁ ସେମାନଙ୍କୁ ଦାୟୀ କରିପାରେ ନାହିଁ। ପ୍ରତ୍ୟେକେ ଦାବି କରନ୍ତି ଯେ

ସେମାନେ ସତ୍ୟ ଅଟନ୍ତି, ସେମାନଙ୍କ ପାଖରେ ସତ୍ୟ ଅଛି। ଏବଂ ସେହି ମଣ୍ଡଳୀରେ ସମ୍ପୃକ୍ତ ଥିବା ଲୋକମାନେ ତାହା ବିଶ୍ୱାସ କରିବା ଉଚିତ୍, ଯେହେତୁ ସେମାନେ ସେମାନଙ୍କର—ସେମାନଙ୍କର ଗନ୍ତବ୍ୟସ୍ଥଳକୁ ତାହା ଉପରେ ନିର୍ଭର ରଖିଛନ୍ତି, ସେମାନଙ୍କର ଅନନ୍ତ ଗନ୍ତବ୍ୟସ୍ଥଳକୁ, ସେହି ମଣ୍ଡଳୀର ଶିକ୍ଷା ଉପରେ ନିର୍ଭର ରଖିଛନ୍ତି। ଏବଂ ସେମାନେ ଜଣେ ଅନ୍ୟଠାରୁ, ଏତେ ଭିନ୍ନ ଅଟନ୍ତି, ଏପରିକି ଏହା ନଅ ଶହ ଏବଂ ସେପରି କିଛି ଭିନ୍ନ ପ୍ରଶ୍ନ ସୃଷ୍ଟି କରିଥାଏ।

ଅତଏବ, ନଅ ଶହ ଏବଂ ସେପରି କିଛି ଭିନ୍ନ ପ୍ରଶ୍ନ ହୋଇଥିବା ହେତୁରୁ, ସେଠାରେ ଗୋଟିଏ ସଠିକ୍ ଉତ୍ତର ହେବା ଆବଶ୍ୟକ। ଏବଂ ମୁଁ ଆଜି ରାତିରେ ଆମ ପାଇଁ ଚାହେଁ, ଯେହେତୁ ଆମେ ସ୍ୱର୍ଗକୁ ଯିବାକୁ ଚେଷ୍ଟା କରୁଛୁ, ଓ ଆମ ପ୍ରଭୁ ଯୀଶୁଙ୍କୁ ଭେଟିବାକୁ ଚେଷ୍ଟା କରୁଛୁ ଯାହାଙ୍କୁ ଆମେ ସମସ୍ତେ ପ୍ରେମ କରୁ, ମୁଁ ତାହା ପାଇବା ପାଇଁ ଶାସ୍ତ୍ରରେ ଖୋଜିବାକୁ ଚାହିଁବି।

14 ବର୍ତ୍ତମାନ, ଯଦି ଏହା ଏକ ବାଇବଲ ପ୍ରଶ୍ନ ଅଟେ, ତେବେ ଏହାର ଏକ ବାଇବଲ ଉତ୍ତର ରହିବା ଉଚିତ୍। ଏହା ପୁରୁଷମାନଙ୍କର ଏକ ଗୋଷ୍ଠୀରୁ, କୌଣସି ନିର୍ଦ୍ଦିଷ୍ଟ ସହଭାଗୀତାଠାରୁ ଆସିବାକୁ ଯୋଗ୍ୟ ହେବା ଉଚିତ୍ ନୁହେଁ, କିମ୍ବା କୌଣସି ଶିକ୍ଷାବିତଠାରୁ, କିମ୍ବା କୌଣସି ନାମଧାରୀ ସଂସ୍ଥାଠାରୁ। ଏହାକୁ ତ ସିଧାସଳଖ ଶାସ୍ତ୍ରରୁ ଆସିବା ଉଚିତ୍, ଯେଉଁଠାରେ ପରମେଶ୍ୱରଙ୍କ ଉପାସନାର, ସାକ୍ଷାତର ସ୍ଥାନ ଅଟେ। ଏବଂ ନିଶ୍ଚିତ ଭାବରେ, ପରମେଶ୍ୱର ହୋଇଥିବା ଯୋଗୁଁ, ସେଠାରେ କୌଣସି ସ୍ଥାନରେ ଏକ ସାକ୍ଷାତକାର ସ୍ଥାନ ଅଛି, ଯେଉଁଠାରେ ସେ ଭେଟନ୍ତି।

15 ବର୍ତ୍ତମାନ, ଆମେ ଏଠାରେ ଦ୍ୱିତୀୟ ବିବରଣରେ ଏଠାରେ, ଜାଣିବାକୁ ପାଇଲୁ ଯେ, ଆରମ୍ଭରେ, ମୋଶା ଶାସ୍ତ୍ରକୁ ପୁନର୍ବାର ଉଲ୍ଲେଖ କରି, ସେହି ବିଷୟଗୁଡ଼ିକୁ ଯାହା ସେ ସେମାନଙ୍କୁ କହିଥିଲେ, ଯେ କିପରି ସେ ସେମାନଙ୍କୁ ଏକ ମହାନ, ଶକ୍ତିଶାଳୀ ବାହୁ ଦ୍ୱାରା, ମିସରରୁ ବାହାର କରି ଆଣିଥିଲେ, ଏବଂ ପ୍ରଥମେ ସେମାନଙ୍କୁ ସ୍ଥାପିତ କରିଥିଲେ।

ସେମାନେ ମିସରରୁ ବାହାରି ଆସିବା ପର୍ଯ୍ୟନ୍ତ ସେମାନଙ୍କୁ "ପରମେଶ୍ୱରଙ୍କ ଲୋକ" ବୋଲି କୁହାଯାଇଥିଲା, ଆଉ ତାହାପରେ ସେମାନଙ୍କୁ "ପରମେଶ୍ୱରଙ୍କ ମଣ୍ଡଳୀ" ବୋଲି କୁହାଗଲା। କାରଣ, ଗୋଟିଏ ମଣ୍ଡଳୀ ହେଉଛି ଏକ ସହଭାଗୀତା, କିମ୍ବା, ପ୍ରକୃତରେ, *ମଣ୍ଡଳୀର* ଅର୍ଥ "ଆହ୍ୱାନ-ପ୍ରାପ୍ତ ଲୋକେ," ଯେଉଁମାନଙ୍କୁ ଆହ୍ୱାନ କରାଯାଇଛି। ଏବଂ ସେମାନେ ମଣ୍ଡଳୀ ହେବା ହେତୁ, ମିସରରୁ ବାହାରି ଆସିଥିଲେ।

16 ତେବେ ପରମେଶ୍ୱର ସେମାନଙ୍କୁ କହିଥିଲେ, ଯେତେବେଳେ ସେମାନେ...ସେମାନେ ମନ୍ଦିର ପ୍ରତିଷ୍ଠା କରିବା ପୂର୍ବରୁ ଏବଂ ଯାହାସବୁ ସେମାନେ କରିଥିଲେ ତାହା ପୂର୍ବରୁ, "ମୁଁ ମୋର ଉପାସନାର ସ୍ଥାନ ମନୋନୀତ କରିବି, ଏବଂ ସେଥିରେ ମୁଁ ମୋର ନାମକୁ ରଖିବି।" ଏବଂ ତାହାହିଁ ସେହି ଏକମାତ୍ର ସ୍ଥାନ ଅଟେ ଯେଉଁଠାରେକି ପରମେଶ୍ୱର କେବେ କାହାରିକୁ ଭେଟନ୍ତି,

ତାହା ତାଙ୍କର ନିଜ ପସନ୍ଦ ଅନୁଯାୟୀ ଥିଲା । ସେ ତାଙ୍କର ସ୍ଥାନ ବାଛିଲେ, ଏବଂ ଯେଉଁଠାରେ ସେ ତାଙ୍କର ସ୍ଥାନ ବାଛିଲେ, ସେ ତାଙ୍କର ନାମକୁ ରଖିଲେ, ସେହି 2ୟ ପଦ ଏଠାରେ ଆମକୁ କୁହେ ଯେ; ସେ ତାଙ୍କର ନାମକୁ ସେହି ସ୍ଥାନରେ ରଖିବେ ଯେଉଁ ସ୍ଥାନରେକି ଲୋକମାନେ ତାହାଙ୍କର ଉପାସନା କରନ୍ତୁ ବୋଲି ସେ ବାଛିଥିଲେ । ତେବେ, ଏହାର ବିଷୟ ହେଉଛି, ଆମେ ଖୋଜିବାକୁ ଚାହୁଁ ଯେ ସେହି ସ୍ଥାନଟି କେଉଁଠାରେ ଅଛି ।

17 ନଅ ଶହ ଏବଂ ସେପରି କିଛି ଭିନ୍ନ ଧାରଣାଗୁଡିକ ସହିତ, ଯେପରିକି ଆମେ ସମସ୍ତ ମୂର୍ତ୍ତିପୂଜକ ଧର୍ମକୁ ଅତିକ୍ରମ କରି ଯାଉଅଛୁ, ଏବଂ କେବଳ ଖ୍ରୀଷ୍ଟିଆନ ଧର୍ମ ବିଷୟରେ କହୁଅଛୁ । ଯାହାକି, ମୋର ମୂର୍ତ୍ତିପୂଜକମାନଙ୍କ ପାଇଁ ଏକ ଭାବନା ଅଛି, ନଚେତ୍ ମୁଁ ନିଶ୍ଚିତ ଭାବରେ ସେଠାକୁ ଯାଇ ସେମାନଙ୍କ ସହ କଥାବାର୍ତ୍ତା କରୁ ନ ଥାନ୍ତି । କିନ୍ତୁ, ସେମାନେ ଭୁଲ୍ ଅଟନ୍ତି । ଖ୍ରୀଷ୍ଟିଆନ ଧର୍ମ ହିଁ କେବଳ ଏକମାତ୍ର ଧର୍ମ ଯାହାକି ସତ୍ୟ ଅଟେ, ତାହା ହେଲା ଖ୍ରୀଷ୍ଟିଆନ ଧର୍ମ । ଆଉ ମୁଁ ତାହା ଏଇଥି ପାଇଁ କହୁ ନାହିଁ କାରଣ ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ; କାରଣ, ମୁଁ ବିଶ୍ୱାସ କରେ ଯେ ତାହା ସତ୍ୟ ଅଟେ । ଏହାହିଁ ହେଉଛି ଏକମାତ୍ର ଧର୍ମ ଯାହାକି ଠିକ୍ ଅଟେ ।

18 ମୁଁ ସେହି କବରକୁ ଯାଇଛି ଯେଉଁଠାରେ ପ୍ରତି ଚାରି ଘଣ୍ଟାରେ ଧଳା ଘୋଡା ବଦଳାଯାଏ । ଯେଉଁଠାରେକି, ମହମ୍ମଦ, ଜଣେ ମହାନ ଯାଜକ ଏବଂ—ଏବଂ ଖ୍ରୀଷ୍ଟଙ୍କ ଠିକ୍ ପରେ ଜଣେ ନେତା, ଜଣେ ଭବିଷ୍ୟଦ୍‌ବକ୍ତା ହେବାର ଥିଲେ, ଏବଂ, ମୋର ସନ୍ଦେହ ନାହିଁ ଯେ ସେ ତାହା ଥିଲେ, ମାକାବୀ ଭାଇମାନଙ୍କର ଠିକ୍ ପରେ । ମାତ୍ର ଯେତେବେଳେ ସେମାନେ...ସେ ମରିଗଲେ । ସେ ଦାବି କରିଥିଲେ ଯେ ସେ ପୁନର୍ବାର ଉଠିବେ ଏବଂ ସମଗ୍ର ବିଶ୍ୱକୁ ଜୟ କରିବେ । ତେବେ, ପ୍ରାୟଃ ପ୍ରତ୍ୟେକ ଚାରି ଘଣ୍ଟାରେ ସେମାନେ ରକ୍ଷୀମାନଙ୍କୁ ବଦଳାନ୍ତି, ଏବଂ ସେମାନେ ତାଙ୍କ କବରରେ ଏକ ଧଳା ଘୋଡା ରଖନ୍ତି । ଦୁଇ ହଜାର ବର୍ଷ ଧରି, ସେମାନେ, ଆଶା କରୁଛନ୍ତି ଯେ ସେ ପୁନର୍ବାର ଉଠି ଆସିବେ ଏବଂ ଜଗତକୁ ଜୟ କରିବେ । କିନ୍ତୁ ଆପଣ ଦେଖନ୍ତୁ...

19 ଏବଂ ଆପଣ ବୁଦ୍ଧ ପାଖକୁ ଯାଆନ୍ତୁ; ବୁଦ୍ଧ ଅନେକ ଶହ ବର୍ଷ ପୂର୍ବେ, ପ୍ରାୟଃ ତେଇ-ଶ ଶହ ବର୍ଷ ପୂର୍ବେ ରହିଥିଲେ, ଜାପାନର—ଜାପାନର ଦେବତା ଥିଲେ । ଏବଂ ତେଣୁକରି ସେ ଜଣେ ଦାର୍ଶନିକ ଥିଲେ, କିଛି ଗୋଟାଏ କନ୍‌ଫୁସିୟସ୍ ପରି, ଏବଂ ପ୍ରଭୃତିଙ୍କ ପରି ।

କିନ୍ତୁ ଏହିସବୁ, ପାଇଁ,...ପ୍ରତିଷ୍ଠାତା, ଏବଂ ଇତ୍ୟାଦିମାନେ, ସେମାନେ ସମସ୍ତେ ସେମାନଙ୍କର ଦର୍ଶନ ସହିତ ମୃତ୍ୟୁବରଣ କଲେ, ଆଉ ସମାଧି ଦିଆଗଲା ଓ କବରରେ ରହିଛନ୍ତି ।

କିନ୍ତୁ ଖ୍ରୀଷ୍ଟିଆନ ଧର୍ମ, ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରତିଷ୍ଠା କରାହୋଇଛି, ସେଠାରେ ଏକ ଖାଲି କବର ରହିଛି । ସେ ହିଁ ଏକମାତ୍ର ମଣିଷ ଥିଲେ ଯିଏକି ପୃଥିବୀରେ କେବେ ଛିଡ଼ା ହୋଇଥିଲେ, ଏବଂ ବଞ୍ଚିଥିଲେ ଓ କହିଥିଲେ, "ମୋ ପାଖରେ ନିଜ ଜୀବନକୁ ତ୍ୟାଗ କରି

ପୁନର୍ବାର ତାହାକୁ ଉଠାଇବାର ଶକ୍ତି ଅଛି ।” ଏବଂ ସେ ତାହା କଲେ । ଏବଂ ସେ ଆଜି ଜୀବିତ ଅଛନ୍ତି ।

ଏବଂ ଆମେ ଜାଣୁ ଯେ ସେ ଜିବିତ ଅଛନ୍ତି, କାରଣ ସେ ଆମ ସହିତରେ ଅଛନ୍ତି ପୁଣି ଶାରୀରିକ ଚିହ୍ନ ଓ ଚମତ୍କାର ଦ୍ୱାରା ନିଜକୁ ପ୍ରମାଣ କରୁଛନ୍ତି, ଯାହାକି ସେ ତାହା ଦେଖାଇବେ ବୋଲି ପ୍ରତିଜ୍ଞା କରିଥିଲେ । ଏପରିକି, ଏକ ଅଗ୍ନିସ୍ତମ୍ଭ ରୂପରେ ଇସ୍ରାଏଲ ସନ୍ତାନମାନଙ୍କୁ ପ୍ରାନ୍ତର ଦେଇ କଢାଇ ନେଇଥିଲେ, ତାହା ଆଜି ଆମ ସହିତରେ ଅଛନ୍ତି, ଏପରିକି ନିଜର ଫଟୋଚିତ୍ର ତୋଳିବାକୁ ଦେଇଛନ୍ତି; ସେହି ଚିହ୍ନ ଏବଂ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଯାହାକି ସେ ଏହି ଦିନରେ କରିବେ ବୋଲି ପ୍ରତିଜ୍ଞା କରିଥିଲେ, ଏହା ଦେଖି ଯେ ସମସ୍ତ ବାକ୍ୟଗୁଡିକ ଯାହା ସେ ପ୍ରତିଜ୍ଞା କରିଥିଲେ ଏହି ଦିନରେ ପ୍ରକଟିତ ହୋଇଅଛି । ତେଣୁକରି, ଅନ୍ୟ ପ୍ରତିମାପୂଜକ ଦେଶମାନେ ବାହାରେ ଅଛନ୍ତି । ଏହା ଖ୍ରୀଷ୍ଟିଆନ ଧର୍ମ ଅଟେ!

20 ତେବେ, ଏହା ଦେଖି ଯେ ପରମେଶ୍ୱର କେଉଁଠାରେ ସାକ୍ଷାତ କରନ୍ତି ସେହି ବିଷୟରେ ସେଠାରେ ନଅ ଶହ ଏବଂ ସେହିପରି କେତେକ ପ୍ରଶ୍ନଗୁଡିକ ଅଛି, “ସେ ମେଥୋଡିଷ୍ଟ ସହିତ ସାକ୍ଷାତ କରନ୍ତି, କିମ୍ବା ସେ ବାପ୍ଟିଷ୍ଟରେ ସାକ୍ଷାତ କରନ୍ତି, ଏବଂ ସେ *ଏଠିରେ* ସାକ୍ଷାତ କରନ୍ତି, ଆଉ *ସେଠିରେ ଓ ଅନ୍ୟ* କେଉଁଠିରେ କରନ୍ତି ।” ତେବେ, ସେଠାରେ ଏକ ପ୍ରଶ୍ନ ଅଛି, ସେଇଥି ପାଇଁ ସମସ୍ତଙ୍କୁ ଭୟ ଏବଂ କମ୍ପମାନ ହୋଇ ନିଜର ପରିତ୍ରାଣକୁ ସାଧନ କରିବାକୁ ଅଛି ।

କିନ୍ତୁ ଆଜି ରାତି ମୁଁ ଶାସ୍ତ୍ରରେ ଖୋଜିବା ପାଇଁ, ଏବଂ ପ୍ରମାଣ କରିବା ପାଇଁ ଚେଷ୍ଟା କରିବାକୁ ଚାହେଁ, ଯେ ସେହି ସଠିକ୍ ସ୍ଥାନଟି କେଉଁଠାରେ ଅଟେ ଯେଉଁଠାରେକି ପରମେଶ୍ୱର ଲୋକମାନଙ୍କ ସହିତ ସାକ୍ଷାତ କରନ୍ତି ଏବଂ ଉପାସନା କରନ୍ତି । ଏବଂ, ଯଦି ତାହାହିଁ ଏହା ଅଟେ, ତେବେ ତାହାହିଁ କେବଳ ସେହି ଏକମାତ୍ର ସ୍ଥାନ ଅଟେ ଯେଉଁଠାରେ ସେ କେବେ ସାକ୍ଷାତ କରିବେ ।

21 ତେବେ, ଆମେ ଏହି ପାଠକୁ ଦ୍ୱିତୀୟ ବିବରଣରୁ ନେଇ ଅଛୁ । ଏହା ଏକ ଗ୍ରୀକ୍ ଶବ୍ଦ ଅଟେ ଯାହାରକି ଯୁଗ୍ମ ଅର୍ଥ ଅଛି, କିମ୍ବା, ଏହାର ଅର୍ଥ, “ଦୁଇଟି ବ୍ୟବସ୍ଥା ।” ସେହି ଗ୍ରୀକ୍ ଶବ୍ଦ, *ଦ୍ୱିତୀୟ ବିବରଣ,* ଅର୍ଥ “ଦୁଇଟି ଭିନ୍ନ ବ୍ୟବସ୍ଥା ।”

ଏବଂ ତାହାହିଁ ଅଟେ ଯାହାକି ପରମେଶ୍ୱରଙ୍କର ରହିଛି, ଦୁଇଟି ଭିନ୍ନ ବ୍ୟବସ୍ଥା । ଏବଂ ସେଥିରୁ ଗୋଟିଏ ହେଲା ମୃତ୍ୟୁର ବ୍ୟବସ୍ଥା, ଏବଂ ଅନ୍ୟଟି ହେଲା ଜୀବନର ବ୍ୟବସ୍ଥା । ପରମେଶ୍ୱରଙ୍କର ଦୁଇଟି ବ୍ୟବସ୍ଥା ଅଛି । ତାହାଙ୍କୁ ଅନୁସରଣ କରିବା, ତାହାଙ୍କର ସେବା କରିବା ଏବଂ ତାହଙ୍କୁ ଉପାସନା କରିବା, ହେଉଛି ଜୀବନ; ତାହାକୁ ପ୍ରତ୍ୟାଖ୍ୟାନ କରିବା ହେଉଛି ମୃତ୍ୟୁ । ପରମେଶ୍ୱରଙ୍କଠାରେ ଦୁଇଟି ବ୍ୟବସ୍ଥା ଅଛି ।

22 ବର୍ତ୍ତମାନ, ସେହି ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ହେଲା-…ସୀନୟ ପର୍ବତରେ, ଜଗତକୁ ଜଣାଇ ଦିଆଗଲା । ପରମେଶ୍ୱର ମୋଶା ଏବଂ ଇସ୍ରାଏଲକୁ ବ୍ୟବସ୍ଥା ଦେଲେ । ଏହା ନୁହେଁ ଯେ ବ୍ୟବସ୍ଥା ସେମାନଙ୍କୁ ସାହାଯ୍ୟ କରିପାରିବ, କିନ୍ତୁ ବ୍ୟବସ୍ଥା କେବଳ ସେମାନଙ୍କୁ

ସୂଚାଇ ଦେଇଥାଏ ଯେ ସେମାନେ ପାପୀ ଅଟନ୍ତି । ସେହି ସମୟ ପର୍ଯ୍ୟନ୍ତ, ସେମାନେ ଜାଣି ନ ଥିଲେ ଯେ ପାପ କଅଣ ଥିଲା, ଯେପର୍ଯ୍ୟନ୍ତକି ସେମାନଙ୍କର ବ୍ୟବସ୍ଥା ଆସିଲା ନାହିଁ । ବିନା ଦଣ୍ଡରେ ବ୍ୟବସ୍ଥା ହୋଇପାରେ ନାହିଁ । ଦଣ୍ଡ ବିନା, ଗୋଟିଏ ବ୍ୟବସ୍ଥା ଏକ ବ୍ୟବସ୍ଥା ନୁହେଁ । ଅତଏବ, ତେଣୁକରି, "ବ୍ୟବସ୍ଥାର ଉଲ୍ଲଂଘନ ହେଉଛି ପାପ, ଏବଂ ପାପର ବେତନ ହେଉଛି ମୃତ୍ୟୁ ।" ଅତଏବ ତେଣୁକରି, ଯେପର୍ଯ୍ୟନ୍ତ ପରମେଶ୍ୱର ସେମାନଙ୍କୁ ଏକ ବ୍ୟବସ୍ଥା ପ୍ରସ୍ତୁତ ନ କରିଦେଲେ, ସେମାନଙ୍କ ପ୍ରତି କୌଣସି ଅପରାଧ ଗଣନା କରାଯାଇ ନ ଥିଲା ।

ଯଦି ଏଠାରେ କୌଣସି ବ୍ୟବସ୍ଥା ନ ଥାଏ ଯାହାକି କୁହେ ଯେ ଆପଣ ଘଣ୍ଟାକୁ କୋଡ଼ିଏ ମାଇଲରୁ ଅଧିକ ଚଲାଇ ପାରିବେ ନାହିଁ, ତେବେ ଆପଣ ଘଣ୍ଟାକୁ କୋଡ଼ିଏ ମାଇଲରୁ ଅଧିକ ଚଲାଇ ପାରିବେ । କିନ୍ତୁ ଯେତେବେଳେ ସେଠାରେ ଏକ ବ୍ୟବସ୍ଥା ଥାଏ ଯେ ଆପଣ ତାହା କରିପାରିବେ ନାହିଁ, ତେବେ ତାହା ପଛରେ ଏକ ଆଇନ ଏବଂ ଏକ ଦଣ୍ଡ ରହିଥାଏ ।

23 ବର୍ତ୍ତମାନ, ମୃତ୍ୟୁ, ମୃତ୍ୟୁର ସେହି ବ୍ୟବସ୍ଥା, ସୀନୟ ପର୍ବତରେ ଦିଆଯାଇଥିବା ଆଦେଶମାନ ଥିଲା, ଯାହାକି ମନୁଷ୍ୟକୁ କହିଥିଲା ଯେ ସେ ଜଣେ ପାପୀ ଅଟେ । ଏବଂ, ପରମେଶ୍ୱରଙ୍କ ବ୍ୟବସ୍ଥାକୁ ଉଲ୍ଲଂଘନ କରିବା, ସେ ମରିଥିଲା । ମାତ୍ର ବ୍ୟବସ୍ଥାରେ କୌଣସି ପରିତ୍ରାଣ ନାହିଁ । ସେହି…ଏହା ତ କେବଳ ଜଣେ ପୋଲିସ କର୍ମଚାରୀ ଥିଲା ଯିଏକି ଆପଣଙ୍କୁ କାରାଗୃହରେ ରଖିପାରିବ; ଆପଣଙ୍କୁ ବାହାର କରି ଆଣିବା ପାଇଁ ଏହାଠାରେ କିଛି ନ ଥିଲା ।

କିନ୍ତୁ ତାହାପରେ ସେ ଆଉ ଏକ ବ୍ୟବସ୍ଥା ଦେଲେ, ଯାହାକି କାଲବରୀ ପର୍ବତଠାରେ ଥିଲା, ଯେଉଁଠାରେକି ଯୀଶୁ ଖ୍ରୀଷ୍ଟଙ୍କଠାରେ ପାପ ଗଣନା କରାଯାଇଥିଲା, ଏବଂ ସେଠାରେ ଦଣ୍ଡର ମୂଲ୍ୟ ପରିଶୋଧ କରାଯାଇଥିଲା । ଏବଂ ସହିତ ନୁହେଁ…ବ୍ୟବସ୍ଥା ବିନା, "କିନ୍ତୁ ଅନୁଗ୍ରହ ଦ୍ୱାରା ଆପଣ ଉଦ୍ଧାର ପାଇଛନ୍ତି," ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆପଣଙ୍କର ସୃଷ୍ଟି ବିଷୟରେ ପରମେଶ୍ୱରଙ୍କ ପୂର୍ବଜ୍ଞାନର ପୂର୍ବ ନିରୂପଣ ଦ୍ୱାରା ।

24 ବର୍ତ୍ତମାନ ଆମେ ଏହି ଦୁଇଟି ବ୍ୟବସ୍ଥାକୁ ଦେଖୁଅଛୁ, ଦ୍ୱିତୀୟ ବିବରଣ, ଦୁଇଟି ବ୍ୟବସ୍ଥା ବିଷୟରେ କହୁଅଛି । ସେଠାରେ ଦୁଇଟି ବ୍ୟବସ୍ଥା ଥିଲା । ଗୋଟିଏ ହେଲା ମୃତ୍ୟୁର ବ୍ୟବସ୍ଥା, ଏବଂ ଅନ୍ୟଟି ଜୀବନର ବ୍ୟବସ୍ଥା ।

25 ଲୋକମାନଙ୍କୁ ମଧ୍ୟ ଦୁଇଟି ନିୟମ ଦିଆଯାଇଥିଲା । ଆମେ ସକାଳରେ ସେଗୁଡ଼ିକ ବିଷୟରେ କହିବାକୁ ଯାଉଅଛୁ ।

ସେଥିରୁ ଗୋଟିଏ ଆଦମଙ୍କୁ ଏକ ସର୍ତ୍ତରେ ଦିଆଯାଇଥିଲା, "ଯଦି ତୁମେ *ଏହା* କରିବ ଏବଂ *ତାହା* କରିବ ନାହିଁ," କିନ୍ତୁ ସେହି ନିୟମଟି ଭାଙ୍ଗି ଦିଆଗଲା । ଆଦମ, ହବା ତାହାକୁ, ଏଦନ ବଗିଚାରେ ଭାଙ୍ଗିଦେଲେ ।

ତାହାପରେ ପରମେଶ୍ୱର ଦ୍ୱିତୀୟ ନିୟମକୁ ପ୍ରସ୍ତୁତ କଲେ, ଏବଂ ଅବ୍ରହାମଙ୍କୁ ତାହା ଦେଲେ, ଏବଂ ସେହି ନିୟମ ସର୍ତ୍ତବିହୀନ ଥିଲା । "ଏହା ତାହା ନୁହେଁ ଯାହାକି ତୁମେ କରିଅଛ କିମ୍ବା ତୁମେ ଯାହା କରିବ;" ସେ କହିଲେ, "ମୁଁ ତ ପୂର୍ବରୁ ଏହା କରିସାରିଛି ।" ତାହା ଅନୁଗ୍ରହ

ଅଟେ । ତାହା ଜୀବନର ନିୟମ ଅଟେ । ପରମେଶ୍ୱର ତାହା ଅବ୍ରହାମ ଏବଂ ତାଙ୍କ ପରେ ତାଙ୍କ ବଂଶ ପାଇଁ କଲେ, ଅର୍ଥାତ୍, ଅବ୍ରହାମଙ୍କର ସମସ୍ତ ବଂଶ ।

ଯେପରିକି ବାଇବଲ କୁହେ, "ସମସ୍ତ ଇସ୍ରାଏଲ ଉଦ୍ଧାର ପାଇବେ," କିନ୍ତୁ ତାହାର ଅର୍ଥ ଯିହୁଦୀ ନୁହେଁ । ପାଉଲ ଯେପରି କହିଥିଲେ, "ସେହି ଇସ୍ରାଏଲ ଯାହାକି ଅନ୍ତରରେ, କିମ୍ୱା ଇସ୍ରାଏଲ ବାହ୍ୟରେ ।" "ବାହ୍ୟରେ," ଯେପରିକି ଆମେ ତାହା ବିଷୟରେ ଅନ୍ୟ ରାତି କହିଥିଲୁ, ତାହା ଯୌନ ସମ୍ପର୍କ ଦ୍ୱାରା, ଇସ୍‌ହାକଙ୍କ ସନ୍ତାନମାନେ ଥିଲେ । କିନ୍ତୁ ପରମେଶ୍ୱରଙ୍କ ବ୍ୟବସ୍ଥା ଖ୍ରୀଷ୍ଟଙ୍କ ମାଧ୍ୟମରେ ଥିଲା, ଯାହାକି ଅବ୍ରହାମଙ୍କ ରାଜକୀୟ ବୀଜ ଥିଲା, ଯାହା, "ଅନୁଗ୍ରହ ଦ୍ୱାରା ସମସ୍ତ ଇସ୍ରାଏଲ ଉଦ୍ଧାର ପାଇଛନ୍ତି ।" ଅର୍ଥାତ୍, "ଖ୍ରୀଷ୍ଟଙ୍କଠାରେ ଥିବା ସମସ୍ତେ ଉଦ୍ଧାର ପାଇଛନ୍ତି," ସମସ୍ତେ, ପରମେଶ୍ୱରଙ୍କ ଦ୍ୱିତୀୟ ନିୟମ । କିନ୍ତୁ ଏହି ସମସ୍ତ ବିଷୟ ଖ୍ରୀଷ୍ଟଙ୍କ ପ୍ରତିଚିତ୍ରଣ କରିଥିଲା ।

26 ବର୍ତ୍ତମାନ 2ୟ ପଦକୁ ଧ୍ୟାନ ଦିଅନ୍ତୁ । ଏଠାରେ ଦ୍ୱିତୀୟ ବିବରଣ 16ରେ 2ୟ ପଦରେ, "ମୁଁ ମନୋନୀତ କରିଥିବା ସ୍ଥାନରେ ଉପାସନା କର ।" ତେବେ ଆପଣଙ୍କୁ ପରମେଶ୍ୱରଙ୍କ ଉପାସନା କରିବାକୁ ଅଛି, ସେ କହିଲେ, "ମୁଁ ମନୋନୀତ କରିଥିବା ସ୍ଥାନରେ," ଅନ୍ୟ କେହି ମନୋନୀତ କରିଥିବା ସ୍ଥାନରେ ନୁହେଁ, କିନ୍ତୁ, "ମୁଁ ଯାହା ମନୋନୀତ କରିଅଛି ।"

ତେବେ, ପରମେଶ୍ୱର ଯଦି ଏକ ସ୍ଥାନ ମନୋନୀତ କରିଛନ୍ତି, ତାହାହେଲେ ଏହା ଆମକୁ ତାହା ଖୋଜିବା ପାଇଁ ବାଧ୍ୟ କରେ ଯେ ସେ ଏହା ବିଷୟରେ କଅଣ କହିଛନ୍ତି । ଏବଂ ତାହା କେଉଁଠାରେ ଅଛି? ମୁଁ ତାହା ଖୋଜିବାକୁ ଚାହେଁ, କାରଣ, ପ୍ରକୃତରେ, ମୁଁ ତାହାଙ୍କୁ ଉପାସନା କରିବାକୁ ଚାହେଁ ।

ଆମେ ସମସ୍ତେ, ଆଜି ରାତିରେ, ତାହାଙ୍କୁ ଉପାସନା କରିବା ପାଇଁ ଆସିଛୁ । ଆମେ ଆଜି ରାତିରେ ଏଠାରେ, ମେଥୋଡିଷ୍ଟ, ବାପ୍‌ଟିଷ୍ଟ, କ୍ୟାଥୋଲିକ୍, ଯିହୋବା ୱିଟନେସ୍, ଖ୍ରୀଷ୍ଟିଆନ ସାଇନ୍‌ସ, ଏବଂ ସମସ୍ତ ଭାବରେ ବସିଛୁ, କିନ୍ତୁ ଆମେ ସମସ୍ତେ କିଛି ଗୋଟାଏ ଖୋଜୁଅଛୁ ।

ଆମେ ସତ୍ୟ ଜାଣିବାକୁ ଚାହୁଁଛୁ । ବାଇବଲ କୁହେ, "ତୁମେ ସତ୍ୟ ଜାଣିବ, ଏବଂ ସତ୍ୟ ତୁମକୁ ମୁକ୍ତ କରିବ ।"

କେହିଜଣେ, ଆପଣ ଜାଣିପାରନ୍ତି ନାହିଁ ଯେ ଆପଣ କଅଣ କରୁଛନ୍ତି, ଆପଣ ଏହା କିପରି କରିବେ ସେପର୍ଯ୍ୟନ୍ତ ଜାଣନ୍ତି ନାହିଁ ଯେପର୍ଯ୍ୟନ୍ତକି ଆପଣ ଏହା କିପରି କରିବେ ଜାଣନ୍ତି ନାହିଁ; ବରଂ ଆପଣ କଅଣ କରିବେ ସେପର୍ଯ୍ୟନ୍ତ ଜାଣନ୍ତି ନାହିଁ ଯେପର୍ଯ୍ୟନ୍ତକି ଆପଣ ଏହା କିପରି କରିବେ ତାହା ନ ଜାଣନ୍ତି । ଆପଣଙ୍କୁ ନିଶ୍ଚୟ ଜାଣିବାକୁ ଅଛି ଯେ ଆପଣ କଅଣ କରୁଛନ୍ତି ଏବଂ ତାହା କିପରି କରିବାକୁ ପଡ଼େ ।

27 ଏହା ଆମକୁ ଦର୍ଶାଏ ଯେ ପରମେଶ୍ୱରଙ୍କଠାରେ ତାହାଙ୍କର ଉପାସକମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ, ଏକ ସାକ୍ଷାତର ସ୍ଥାନ ଅଛି । ସେହି ସ୍ଥାନରେ, କେବଳ, ପରମେଶ୍ୱର ତାହାଙ୍କର ଉପାସକମାନଙ୍କୁ ଭେଟନ୍ତି ।

28 ତେବେ, ଆହୁରି ମଧ୍ୟ, ସେହି ସ୍ଥାନ ଯାହା ସେ ତାହାଙ୍କର ଉପାସକମାନଙ୍କ ପାଇଁ ମନୋନୀତ କରିଛନ୍ତି, ସେ ଦାବି କରନ୍ତି ଯେ ସେ ତାହାଙ୍କର ନାମକୁ ସେଠାରେ ରଖିବେ। ତେବେ ଆସନ୍ତୁ ଖୋଜିବା ଏବଂ ବାହାର କରିବା, ଶାସ୍ତ୍ର ମାଧ୍ୟମରେ, ଯେ ଏହି ସ୍ଥାନ କେଉଁଠାରେ ଅଛି। ନିଶ୍ଚିତରେ, ଯଦି ପରମେଶ୍ୱର କହିଛନ୍ତି ଯେ ସେ ନିଜ ନାମକୁ ଏହି ସ୍ଥାନରେ ରଖିବେ ଯେଉଁଠାରେ ସେ ଲୋକମାନଙ୍କୁ ଭେଟିବା ପାଇଁ ଏବଂ ସେମାନଙ୍କ ସହିତ ଉପାସନା କରିବା ପାଇଁ ମନୋନୀତ କରିଛନ୍ତି…କିମ୍ବା ସେମାନେ ତାହାଙ୍କୁ ଉପାସନା କରିବା ନିମନ୍ତେ ମନୋନୀତ କରିଛନ୍ତି, ବରଂ, ଯେ ଏହା ବାଇବଲର କୌଣସି ସ୍ଥାନରେ ଅଟେ, ଯେହେତୁ ଏହା ସମସ୍ତ ଯୁଗ ପାଇଁ ଥିଲା।

29 ଏବଂ ସେହି ମହାନ ଅପରିବର୍ତ୍ତନୀୟ ପରମେଶ୍ୱର ବଦଳି ପାରନ୍ତି ନାହିଁ। ମଣିଷ ପରିବର୍ତ୍ତନ ହୁଏ। କିନ୍ତୁ ଆପଣ ନିଜର ଜୀବନକୁ ପରମେଶ୍ୱର କହିଥିବା ଯେକୌଣସି ବିଷୟ ଉପରେ ରଖିପାରନ୍ତି, କାରଣ ଏହା ସତ୍ୟ ଅଟେ। ଏହା ସତ୍ୟ ଅଟେ। କାରଣ, ଏକମାତ୍ର ବିଷୟ ଯାହା ଉପରେ ମୋର ଭରସା ରହିପାରେ, ତାହା ହେଉଛି ବାଇବଲ। କାରଣ, ମନୁଷ୍ୟର ବାକ୍ୟ ବିଫଳ ହୋଇଯିବ, କିନ୍ତୁ ପରମେଶ୍ୱର ସର୍ବୋପରି ଅଟନ୍ତି।

ଏହି ବର୍ଷ ମୁଁ ଗତ ବର୍ଷ ଜାଣିଥିବାଠାରୁ ଅଧିକ ଜାଣିବା ଉଚିତ୍। ଆପଣ ମଧ୍ୟ, ପ୍ରତ୍ୟେକ ଦିନ, କରିବା ଉଚିତ୍। ଆମେ ସୀମିତ ଅଟୁ, ତେଣୁ ଆମେ ଜ୍ଞାନ ଆହରଣ କରୁ।

ମାତ୍ର ପରମେଶ୍ୱର ଅସୀମ ଅଟନ୍ତି। ସେ ଅସୀମ ଅଟନ୍ତି। ଏବଂ, ଅସୀମ ହୋଇଥିବାରୁ, ସେ ଜ୍ଞାନ ହାସଲ କରିପାରନ୍ତି ନାହିଁ। ସେ ତ ଆରମ୍ଭରୁ ହିଁ, ସିଦ୍ଧ ଅଟନ୍ତି। ପ୍ରତ୍ୟେକ ନିଷ୍ପତ୍ତି ଅବିକଳ ଠିକ୍ ହେବା ଆବଶ୍ୟକ ଅଟେ।

30 ଏବଂ ଯେଉଁ ଉପାୟରେ ପରମେଶ୍ୱର ଥରେ କାର୍ଯ୍ୟ କରିଥିଲେ, ତାହାଙ୍କୁ ସର୍ବଦା ସେହିଭଳି ହିଁ କାର୍ଯ୍ୟ କରିବା ଉଚିତ୍, ନଚେତ୍ ଯେତେବେଳେ ସେ ପ୍ରଥମ ଥର କାର୍ଯ୍ୟ କରିଥିଲେ ସେ ଭୁଲ୍ କାର୍ଯ୍ୟ କରିଥିଲେ। ଯଦି କୌଣସି ବ୍ୟକ୍ତି ପରିତ୍ରାଣ ନିମନ୍ତେ ପରମେଶ୍ୱରଙ୍କ ନିକଟକୁ ଆସନ୍ତି, ସେହି ଆଧାରରେ ଯେ ସେ ତାଙ୍କୁ ଗ୍ରହଣ କରିଥିଲେ, ତେବେ ପ୍ରତ୍ୟେକ ଥର ସେହି ସମାନ ଆଧାରରେ ତାହାକୁ ଗ୍ରହଣ କରିବାକୁ ପଡିବ। ତାହା ଠିକ୍ ଅଟେ। ଯଦି କୌଣସି ବ୍ୟକ୍ତି ଈଶ୍ୱରୀୟ ଆରୋଗ୍ୟତା ପାଇଁ ପରମେଶ୍ୱରଙ୍କ ନିକଟକୁ ଆସନ୍ତି, ଏବଂ ପରମେଶ୍ୱର ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଆଧାରରେ ଗ୍ରହଣ କରିଥିଲେ, ପରବର୍ତ୍ତୀ ବ୍ୟକ୍ତି ଯିଏ ବି ଆସନ୍ତି, ତାହାଙ୍କୁ ତ ସେହି ବ୍ୟକ୍ତିଙ୍କୁ ସମାନ ଭାବରେ ଗ୍ରହଣ କରିବାକୁ ପଡିବ, ନତୁବା ସେ ସେତେବେଳେ ଭୁଲ୍ କରିଥିଲେ ଯେତେବେଳେ ସେ ପ୍ରଥମ ବ୍ୟକ୍ତିଙ୍କୁ ଗ୍ରହଣ କରିଥିଲେ। ପରମେଶ୍ୱର ଏକ ଆଧାର କରିଛନ୍ତି ଯେଉଁଠାରେ ସେ ଜଣେ ବ୍ୟକ୍ତିଙ୍କୁ ଭେଟିବେ। ସେ ଏକ ଆଧାର କରିଛନ୍ତି ଯେ ସେ କଅଣ କରିବେ, ସେ ତାହା କିପରି କରିବେ, ଏବଂ ତାହା ହେଲା ଏଦନ ବଗିଚାରେ ଏକ ମେଷଶାବକଙ୍କ ବଳିଦାନର ରକ୍ତ ଦ୍ୱାରା। ପରମେଶ୍ୱର କଦାପି, କେବେ ହେଲେ, କୌଣସି ସମୟରେ ତାହା ପରିବର୍ତ୍ତନ କରିନାହାଁନ୍ତି।

31 ସେ ସ୍ଥିର କଲେ ଯେ ସେ କିପରି ମନୁଷ୍ୟକୁ ରକ୍ଷା କରିବେ। ଆମେ ଆଜି ମଣିଷକୁ ଏଥିରେ ଶିକ୍ଷା ଦେବା ପାଇଁ ଚେଷ୍ଟା କରିଛୁ; ଆମେ ସେମାନଙ୍କୁ ଶିକ୍ଷା ଦେବାକୁ ଚେଷ୍ଟା କରିଛୁ, ସେମାନଙ୍କୁ ଶିକ୍ଷିତ କରିବାକୁ ଚେଷ୍ଟା କରିଛୁ, ନାମଧାରୀ କରିବାକୁ ଚେଷ୍ଟା କରିଛୁ, ଏହି ସମସ୍ତ ଅନ୍ୟ ପ୍ରକାରର ବିଷୟ କରିବାକୁ ଚେଷ୍ଟା କରିଛୁ; ସେମାନଙ୍କୁ ଭିତରକୁ ଆଣିବାକୁ, ସେମାନଙ୍କୁ ଝାଙ୍କି ଦେବାକୁ, ସେମାନଙ୍କୁ ବାପ୍ତିଜିତ କରିବାକୁ, ସେଠାରେ ଥିବା ଅନ୍ୟ ସମସ୍ତ ଉପାୟରେ, ସେମାନଙ୍କୁ ଅକ୍ଷର ଦ୍ୱାରା ଆଣିବାକୁ ଚେଷ୍ଟା କରିଛୁ। କିନ୍ତୁ ତଥାପି, ସେହି ସମାନ ରହିଛୁ, ପରମେଶ୍ୱର ତ ମେଷଶାବକଙ୍କ ପାତିତ ରକ୍ତ ତଳେ ଜଣେ ବ୍ୟକ୍ତିଙ୍କୁ ଭେଟନ୍ତି। ରକ୍ତ ହିଁ ଆରମ୍ଭରେ ପରମେଶ୍ୱରଙ୍କ ଉପାୟ ଥିଲା, ଏବଂ ଆଜି ରାତି ରକ୍ତ ହିଁ ପରମେଶ୍ୱରଙ୍କ ଉପାୟ ଅଟେ। ଅନୁତାପ କରିବା ଏବଂ ଏହି ସବୁ କାର୍ଯ୍ୟ କରିବା ଭଲ ଅଟେ, କିନ୍ତୁ ପରିତ୍ରାଣ କେବଳ ରକ୍ତ ମାଧ୍ୟମରୁ ହିଁ ଆସିଥାଏ। ରକ୍ତ ହିଁ ହେଉଛି କେବଳ ଏକମାତ୍ର ଉପାୟ ଯେ ପରମେଶ୍ୱର ମନୁଷ୍ୟକୁ ରକ୍ଷା କରିବା ପାଇଁ ମନୋନୀତ କରିଥିଲେ, ଏବଂ ସେ ଏହାକୁ ପରିବର୍ତ୍ତନ କରିପାରନ୍ତି ନାହିଁ।

32 ଆୟୁବଙ୍କର ମଧ୍ୟ ସେହି ସମାନ ବିଷୟ ଥିଲା। ସେ ଜାଣିଥିଲେ ଯେ ସେ ଜଣେ ଧାର୍ମିକ ଥିଲେ, କାରଣ ସେ ପରମେଶ୍ୱରଙ୍କୁ ସେହି—ସେହି ବଳିଦାନ ଉତ୍ସର୍ଗ କରିଥିଲେ ଯାହା ପରମେଶ୍ୱର ତାଙ୍କଠାରୁ ଆବଶ୍ୟକ କରିଥିଲେ।

33 ତେବେ, ଆସନ୍ତୁ ଆମେ ଏହା ଜାଣିବା ପାଇଁ ଖୋଜିବା ଯେ ଏହି ସ୍ଥାନଟି, ଏବଂ ସେହି ସ୍ଥାନ ଯେଉଁଠାରେ ସେ ତାହାଙ୍କର ନାମକୁ ସ୍ଥାପନ କରିଛନ୍ତି କଅଣ ଅଟେ। ଆମେ ଏହା ଖୋଜିବାକୁ ଯାଉଅଛୁ ଯେ ସେ ତାହାଙ୍କର ନାମକୁ କେଉଁଠାରେ ସ୍ଥାପନ କରିଛନ୍ତି। ତେବେ, ଯଦି ଆମେ ଜାଣିବାକୁ ପାଇବା ଯେ ପରମେଶ୍ୱରଙ୍କ ନାମ କଅଣ ଅଟେ ଏବଂ ସେ ଏହାକୁ କେଉଁଠାରେ ସ୍ଥାପନ କରିଛନ୍ତି, ତାହାପରେ ଆମେ ତାହା ପାଇବା ମାତ୍ରେ ସେହି ଉପାସନାର ସ୍ଥାନକୁ ପାଇଯାଉ।

ଏହି ସମସ୍ତ ବିଷୟ, ଅବଶ୍ୟ, ଏହା ଆଗାମୀ ବିଷୟଗୁଡ଼ିକର ପ୍ରତିଛାୟା ଥିଲା। ସମସ୍ତ ବ୍ୟବସ୍ଥା ଆଗାମୀ ଘଟଣାଗୁଡ଼ିକର ପ୍ରତିଛାୟା ଥିଲା।

34 ଠିକ୍ ଯେପରିକି, ଚନ୍ଦ୍ର ହେଉଛି ସୂର୍ଯ୍ୟର ପ୍ରତିଛାୟା। ଏହା ସୂର୍ଯ୍ୟର ଅନୁପସ୍ଥିତିରେ ସେବା କରେ, ଠିକ୍ ଯେପରିକି ପରମେଶ୍ୱରଙ୍କ ପୁ-ତ୍ର-ଙ୍କ ଅନୁପସ୍ଥିତିରେ ମଣ୍ଡଳୀ ସେବା କରେ। ପୁତ୍ରଙ୍କ ଅନୁପସ୍ଥିତିରେ, କମ୍ ଆଲୋକ ବିଶିଷ୍ଟ, ମଣ୍ଡଳୀ, ବିଶ୍ୱାସୀଗଣ, ପରମେଶ୍ୱରଙ୍କ ସେବା କରନ୍ତି ଓ ପୁତ୍ରଙ୍କ ଅନୁପସ୍ଥିତିରେ ଆଲୋକ ପ୍ରଦାନ କରନ୍ତି। ମାତ୍ର ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ, ଆପଣ ଆଉ ଅଧିକ ଚନ୍ଦ୍ରକୁ ଦେଖନ୍ତି ନାହିଁ, କାରଣ ଏହା ଅସ୍ତ ହୋଇଯାଏ। ଏହାକୁ ଆଉ ନିଜର ଆଲୋକର ଆବଶ୍ୟକତା ନ ଥାଏ, କାରଣ ଏହା କେବଳ ମାଧ୍ୟମିକ ଭାବରେ ସୂର୍ଯ୍ୟଠାରୁ, ଆଲୋକ ପ୍ରାପ୍ତ ହୋଇଥାଏ। ତେବେ, ଯେପରିକି ସ୍ୱାମୀ ଓ ସ୍ତ୍ରୀ, ସେହିପରି ସୂର୍ଯ୍ୟ ଓ ଚନ୍ଦ୍ର, ମଣ୍ଡଳୀ ଏବଂ ଖ୍ରୀଷ୍ଟ ଅଟନ୍ତି।

35 ତେବେ ଆମେ ଜାଣୁ, ଯେ, ଏହି ବିଷୟଗୁଡ଼ିକ ଖ୍ରୀଷ୍ଟଙ୍କ ପ୍ରତିଛାୟା ଅଟେ। ପ୍ରତ୍ୟେକ ବଳିଦାନ, ଭୋଜ, ଏବଂ ପୁରାତନ ନିୟମରେ ଥିବା ସମସ୍ତ ବିଷୟ, ଖ୍ରୀଷ୍ଟଙ୍କର ପ୍ରତିଛାୟା ଥିଲା; ଠିକ୍ ଯେପରି ଛାୟା ଭୂମି ଉପରେ ଆଘାତ କରେ। ତେବେ ଏଠାରେ ତାହା ଅଟେ ଯେଉଁଠାରେକି ଆମେ ଉପାସନାର ଉପଯୁକ୍ତ ସ୍ଥାନକୁ ଖୋଜିବାକୁ ଯାଉଅଛି, ଯେ ଆମେ ଏଠାରେ ପୁରାତନ ନିୟମକୁ ଫେରିଯିବା ଯେଉଁଠାରେ ଏହା ପ୍ରଦାନ କରାଯାଇଥିଲା ଏବଂ ଦେଖିବା ଯେ ଏହି ବିଷୟଗୁଡ଼ିକ କଅଣ ଥିଲା।

36 ତେବେ, ଯେତେବେଳେ ଏକ ଛାୟା ଭୂମି ଉପରେ ପଡ଼େ, ଆପଣ କହିପାରନ୍ତି ଯେ ଏହା ପୁରୁଷ, ସ୍ତ୍ରୀ, କିମ୍ବା ପଶୁ ଅଟେ, କିଅବା ଏହା ଯାହାକିଛି ବି ହୋଇପାରେ, କାରଣ ଏହା ଭୂଇଁ ଉପରେ ଛାୟା ସୃଷ୍ଟି କରିଥାଏ। ଏବଂ ଯେତେବେଳେ ସେହି ଛାୟା ଛୋଟ ହୋଇ ଚାଲିଥାଏ, ଛାୟା ନକାରାତ୍ମକ ହୋଇଥିବା ହେତୁ; ଆଉ ସେଠାରେ ଏକ ସକାରାତ୍ମକ ବିନା ନକାରାତ୍ମକ ହୋଇପାରିବ ନାହିଁ। ଅତଏବ, ଯେତେବେଳେ ସକାରାତ୍ମକଟି ନକାରାତ୍ମକର ନିକଟବର୍ତ୍ତି ହୁଏ, ସେହି ନକାରାତ୍ମକଟି ସକାରାତ୍ମକ ସହିତରେ ମିଶିଯାଏ। ସେହି ଛାୟା ଏବଂ ସେହି—ଏବଂ ସେହି ସକାରାତ୍ମକ ଏକତ୍ର ଆସନ୍ତି, ଆଉ ତାହାହିଁ ଅଟେ ଯାହାକି ସେତେବେଳେ ଏହାକୁ ସକାରାତ୍ମକ କରିଥାଏ।

ଏବଂ ଯଦି "ସମସ୍ତ ପୁରୁଣା ବିଷୟ," ବାଇବଲ କୁହେ, "ପୁରାତନ ନିୟମରେ, ଭବିଷ୍ୟତ ବିଷୟର ଛାୟା ଥିଲା," ତେଣୁକରି ତେବେ ଖ୍ରୀଷ୍ଟ ଭବିଷ୍ୟତ ବିଷୟଗୁଡିକର ଛାୟା ଥିଲେ।

37 ତେଣୁ ଆମେ ଦେଖିପାରୁ, ପୁରାତନ ନିୟମର ପ୍ରତିରୂପ ଦ୍ୱାରା, ଯେଉଁଠାରେ ସେ ବର୍ତ୍ତମାନ ପାଇଁ...ଏବଂ ତାହା ପ୍ରତି, ତାହାଙ୍କର ନାମକୁ ରଖିବା ପାଇଁ ମନୋନୀତ କରିଥିଲେ। ତେବେ, ଯେପରିକି ସେହି ଛାୟା ଏକ...ଭୂଇଁକୁ ଅତିକ୍ରମ କରେ, ମୁଁ କୁହେ, ଏକ ନକାରାତ୍ମକ ଅଟେ, ଗୋଟିଏ ପ୍ରତିରୂପ ହୋଇଥିବା ହେତୁରୁ, ତେଣୁ ଆମେ, ଉପାସକମାନେ, ପୁରାତନ ନିୟମର ଛାୟାଗୁଡିକୁ ମଧ୍ୟ ନୂତନର ସକାରାତ୍ମକରେ ବିଲୀନ ହେଉଥିବାର ଦେଖିପାରିବା।

38 ତେବେ, ସମସ୍ତ ପର୍ବ, ଛୁଟିଦିନ, ସମସ୍ତ ତମ୍ବୁ, ସମସ୍ତ କାଷ୍ଠ, ତମ୍ବୁରେ ଥିବା ପ୍ରତ୍ୟେକ ବିଷୟ, ସବୁକିଛି ଖ୍ରୀଷ୍ଟଙ୍କର ପ୍ରତିରୂପକ ଥିଲା। ସମସ୍ତ ନୈବେଦ୍ୟ, ସମସ୍ତ ବ୍ୟବସ୍ଥା, ସବୁକିଛି ଖ୍ରୀଷ୍ଟଙ୍କର ପ୍ରତିରୂପକ ଥିଲା। ଆମେ ସମୟ ପରେ ସମୟ, ଏଠାରେ ଆରାଧନାଳୟରେ, ଏହା ଦେଖି ଆସିଅଛୁ।

ତାହାପରେ ଆମେ ଦେଖୁ, ଏଗୁଡ଼ିକ ଦ୍ୱାରା, ଯେ ପ୍ରତ୍ୟେକ ମତ, ମଣ୍ଡଳୀ, ଏବଂ ନାମଧାରୀ ସଂଗଠନ ବହୁ ପଛରେ ରହିଯାଇଛନ୍ତି। ଏପରିକି ଏହା ଆଦୌ, ଦୌଡ଼ରେ ହିଁ ନାହିଁ। ପ୍ରତ୍ୟେକ ମତ, ପ୍ରତ୍ୟେକ ମଣ୍ଡଳୀ, ପ୍ରତ୍ୟେକ ନାମଧାରୀ ସଂଗଠନ, ସମ୍ପୂର୍ଣ୍ଣ ରୂପେ ପଛରେ ରହି ଯାଇଛନ୍ତି। ସେମାନଙ୍କ ପାଇଁ ଆଦୌ କୌଣସି ସ୍ଥାନ ହିଁ ନାହିଁ।

39 ପୁରାତନ ନିୟମରେ, କିମ୍ବା ବାଇବଲର ଯେକୌଣସି ସ୍ଥାନରେ, ମଣ୍ଡଳୀର କୌଣସି ବିଷୟକୁ ପ୍ରତିରୂପକ ଭାବେ କରା ହୋଇନାହିଁ, ମାତ୍ର କେବଳ ବାବିଲ ଦୁର୍ଗର ବାଧ୍ୟତାମୂଳକ

ଏକୀକରଣ ବ୍ୟତୀତ । ତାହାହିଁ ଏକମାତ୍ର ବିଷୟ ଥିଲା ଯାହାକି ଏକତ୍ୱକୁ ପ୍ରଦର୍ଶିତ କରିଥିଲା । କାରଣ, ଏହା ନିମ୍ରୋଦ ନାମକ, ଜଣେ ଦୁଷ୍ଟ ଲୋକ ଦ୍ୱାରା ହୋଇଥିଲା ଯିଏକି ବାହାରକୁ ଯାଇ ସମସ୍ତ ଛୋଟ ଦେଶଗୁଡିକୁ ଗୋଟିଏ ସ୍ଥାନ ଏବଂ ଏହି ବିରାଟ ଗଡକୁ ଆସିବାକୁ ବାଧ୍ୟ କରିଥିଲା । ଅବଶ୍ୟ, ତାହା ଏକ ଧାର୍ମିକ ଉପାସନା ଥିଲା, କିନ୍ତୁ ପରମେଶ୍ୱରଙ୍କ ବାକ୍ୟରେ ବିବେଚନା କରାଯାଇ ନ ଥିଲା । ତେଣୁ ସେଠାରେ ହିଁ ଅଟେ ଯେଉଁଠାରେକି ଆପଣ ପୁରାତନ ନିୟମରେ, ନାମଧାରୀ ଧର୍ମକୁ, ବାବିଲର ଗଡ ସହିତ ପ୍ରତିରୂପ ଭାବରେ ଦେଖନ୍ତି । ଯାହାକି, ଏହି ଧର୍ମ ନିଶ୍ଚିତ ଭାବରେ ଏକ ଧର୍ମ ଥିଲା, କିନ୍ତୁ ପରମେଶ୍ୱରଙ୍କ ବାକ୍ୟର ଧର୍ମ ନୁହେଁ ।

40 ପରମେଶ୍ୱର ନିଜର ନାମକୁ କୌଣସି ନାମଧାରୀ ସଂସ୍ଥାରେ ରଖିବା ପାଇଁ ମନୋନୀତ କରି ନାହାଁନ୍ତି । ଯଦି ତାହା ଅଟେ, ତେବେ ତାହା ପାଇଁ ମୁଁ ଶାସ୍ତ୍ର ଚାହେଁ । ମୁଁ ଜାଣେ ଯେ ସେମାନେ ଦାବି କରନ୍ତି ଯେ ତାହାଙ୍କ ପାଖରେ ଅଛି, କିନ୍ତୁ ତାହାଙ୍କ ପାଖରେ ନାହିଁ । ସେ ନିଜର ନାମକୁ ଅନେକ ଗୁଡିଏ ସ୍ଥାନରେ ରଖିପାରନ୍ତି ନାହିଁ, କାରଣ ସେ କହିଲେ ଯେ ସେ ତାହାଙ୍କର ନାମକୁ ଗୋଟିଏ ସ୍ଥାନରେ ରଖିଅଛନ୍ତି । ଏବଂ, ସେହି ଗୋଟିଏ ସ୍ଥାନ, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନାମଧାରୀ ସଂସ୍ଥା ଏହା କହିବାକୁ ଚାହାଁନ୍ତି ଯେ ସେମାନେ ସେହି ସ୍ଥାନ ଅଟନ୍ତି, କିନ୍ତୁ ଏହା ବିରୋଧାତ୍ମକ ଅଟେ ।

ମାତ୍ର ସେ ତାହାଙ୍କର ନାମକୁ କେଉଁଠାରେ ସ୍ଥାପନ କଲେ?

41 ବର୍ତ୍ତମାନ, ଏବଂ, ସେ, ପ୍ରଥମେ, ତାହାଙ୍କର ନାମ କଅଣ? ସେ ସେହି ସ୍ଥାନରେ କଅଣ ରଖୁଛନ୍ତି ତାହା ପାଇବା ପୂର୍ବରୁ ଆମକୁ (ନାମ) ଖୋଜିବାକୁ ପଡିବ ଯେ ପରମେଶ୍ୱରଙ୍କ ନାମ କଅଣ ଅଟେ ।

ତେବେ, ଆମେ ଜାଣିବାକୁ ପାଉ ଯେ ତାହାଙ୍କର ଅନେକ ଉପାଧିମାନ ଥିଲା । ତାହାଙ୍କୁ କୁହାଯାଏ...ତାହାଙ୍କୁ ଡକାଗଲା "ପିତା," ଯାହାକି ଏକ ଉପାଧି ଅଟେ । ଏବଂ ତାହାଙ୍କୁ ଡକାଗଲା "ପୁତ୍ର," ଯାହାକି ଏକ ଉପାଧି ଅଟେ । ତାହାଙ୍କୁ ଡକାଗଲା "ପବିତ୍ରଆତ୍ମା," ଯାହାକି ଏକ ଉପାଧି ଅଟେ । ତାହାଙ୍କୁ ଡକାଗଲା "ଶାରୋଣର ଗୋଲାପ," ଯାହାକି ଏକ ଉପାଧି ଅଟେ । "ଉପତ୍ୟକାର ଶୋଶନ," ଏକ ଉପାଧି, "ପ୍ରଭାତୀ ତାରା ।" "ଯିହୋବା-ଯିରୀ, ଯିହୋବା-ରାଫା," ସାତୋଟି ଭିନ୍ନ, ଯୁଗ୍ମ, ମୁକ୍ତିର ନାମ, ଏବଂ ସେଗୁଡ଼ିକ ସବୁ ଉପାଧିମାନ ଥିଲା । ସେମାନଙ୍କ ମଧ୍ୟରୁ କୌଣସିଟି ନାମ ନ ଥିଲା ।

କିନ୍ତୁ ତାହାଙ୍କର ଏକ ନାମ ଅଛି ।

42 ଯେତେବେଳେ ସେ ମୋଶାଙ୍କୁ ଭେଟିଲେ, ସେତେବେଳେ ଯାଏଁ ତାହାଙ୍କର ଏକ ନାମ ନ ଥିଲା, ଏବଂ ସେ ମୋଶାଙ୍କୁ କହିଥିଲେ, "**ମୁଁ ଯେ ଅଟେ ସେ ଅଟେ ।**" ଏବଂ ଯେତେବେଳେ ଆମେ ଯୀଶୁଙ୍କୁ ପୃଥିବୀରେ ଦେଖୁ, ଏବ୍ରୀ ୫ଷ୍ଟ ପର୍ବରେ କଥା ହେଉଥିବାର...ମୋତେ କ୍ଷମା କରନ୍ତୁ, ସାଧୁ ଯୋହନ ୫ଷ୍ଟ ପର୍ବ । ସେ କହିଲେ, "**ମୁଁ ଯେ ଅଟେ ସେ ଅଟେ ।**"

ସେମାନେ କହିଲେ, "କାହିଁକି, ତୁମକୁ ତ ପଚାଶ ବର୍ଷରୁ ଅଧିକ ବୟସ ହୋଇନାହିଁ, ଏବଂ କହୁଛ ଯେ ତୁମେ 'ଅବ୍ରହାମଙ୍କୁ ଦେଖିଅଛ'?"

43 ସେ କହିଲେ, "ଅବ୍ରହାମ ପୂର୍ବରୁ, **ମୁଁ ଅଟେ।**" ଏବଂ ଜ୍ୱଳନ୍ତ ବୁଦାରେ, "**ମୁଁ ଅଟେ**" ହିଁ ସେହି ଜଣକ ଥିଲେ, ପଶ୍ଚାତ କାଳରେ ମୋଶାଙ୍କ ସମୟରେ ଜ୍ୱଳନ୍ତ ବୁଦାରେ ଥିବା ସେହି ଅଗ୍ନିସ୍ତମ୍ଭ, ସେହି "**ମୁଁ ଯେ ଅଟେ ସେ ଅଟେ।**"

44 ଏବଂ ବର୍ତ୍ତମାନ ଆମେ ଜାଣିବାକୁ ପାଉ ଯେ ଯୀଶୁ ମଧ୍ୟ କହିଥିଲେ, "ମୁଁ ମୋ ପିତାଙ୍କ ନାମରେ ଆସିଲି, କିନ୍ତୁ ତୁମେ ମୋତେ ଗ୍ରହଣ କଲ ନାହିଁ।" ତାହହେଲେ, ପିତାଙ୍କ ନାମ ଯୀଶୁ ହେବା ଉଚିତ୍। ତାହା ଠିକ୍। ପିତାଙ୍କ ନାମ ହେଉଛି ଯୀଶୁ, କାରଣ ଯୀଶୁ ଏପରି କହିଥିଲେ। "ମୁଁ ମୋର ପିତାଙ୍କର ନାମକୁ ବହନ କରେ। ମୁଁ ମୋ ପିତାଙ୍କ ନାମରେ ଆସିଅଛି, ଏବଂ ତୁମେ ମୋତେ ଗ୍ରହଣ କଲ ନାହିଁ।" ତାହାହେଲେ, ତାହାଙ୍କର ନାମ ଯୀଶୁ ଥିଲା।

ଏବଂ ଗାବ୍ରିୟେଲ୍ ତାହାଙ୍କୁ ଯୀଶୁ ବୋଲି ଡାକିଥିଲେ, ଭବିଷ୍ୟଦ୍‌ବକ୍ତାମାନେ ତାହାଙ୍କୁ ଯୀଶୁ ବୋଲି ଡାକିଥିଲେ, ଏବଂ ସେ ସମ୍ପୂର୍ଣ୍ଣ ଭାବରେ ଯୀଶୁ ଥିଲେ। ତାହାଙ୍କ ଜନ୍ମ ପୂର୍ବରୁ, ଏପରିକି ପବିତ୍ର ଭବିଷ୍ୟଦ୍‌ବକ୍ତା ତାହାଙ୍କର ନାମ *ଇମ୍ମାନୁୟେଲ୍* ବୋଲି କହିଥିଲେ, ଯାହା ହେଉଛି, "ପରମେଶ୍ୱର ଆମ ସହିତରେ।" ତାହାପରେ, "ପରମେଶ୍ୱର ଜଗତର ପାପକୁ ଦୂର କରିବା ପାଇଁ, ଶରୀରରେ ପ୍ରକଟିତ ହେଲେ," ଏବଂ, ତାହା କରିବା ଦ୍ୱାରା, ତାହାଙ୍କୁ ଯୀଶୁଙ୍କ ନାମ ଦିଆଗଲା। ତେଣୁ, ଯୀଶୁ ହେଉଛି ସେହି ନାମ।

ଏବଂ ସେହି ନାମକୁ ଜଣେ ମନୁଷ୍ୟରେ ସ୍ଥାପନ କରାଗଲା; ଏକ ମଣ୍ଡଳୀରେ ନୁହେଁ, ଏକ ନାମଧାରୀ ସଂସ୍ଥାରେ ନୁହେଁ, ଏକ ମତରେ ନୁହେଁ, କିନ୍ତୁ ଜଣେ ମଣିଷରେ! ସେ ନିଜର ନାମକୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ସ୍ଥାପନ କରିବାକୁ ମନୋନୀତ କଲେ। ତେବେ ଆମେ ଜାଣୁ ଯେ ତାହାପରେ ସେ ପରମେଶ୍ୱରଙ୍କ ଉପାସନାର ସ୍ଥାନ ହୋଇଯାଆନ୍ତି, ଯେଉଁଠାରେ ଆପଣ ତାହାଙ୍କୁ ଉପାସନା କରନ୍ତି।

45 ଏପରିକି ସେ ଜନ୍ମ ହେବା ପୂର୍ବରୁ, ତାହାଙ୍କର ନାମ ଯୀଶୁ ବୋଲି କୁହାଯାଇଥିଲା। ତାହା ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା, ଏହା ତାହାଙ୍କର ମାତାଙ୍କୁ ଦୂତ ଗାବ୍ରିୟେଲ୍ ଦ୍ୱାରା ଦିଆ ଯାଇଥିଲା, ଯେ ତାହାଙ୍କର ନାମ "ଯୀଶୁ, ପରମେଶ୍ୱରଙ୍କ ପୁତ୍ର" ବୋଲି କୁହାଯିବ, ଯାହାକି ସେ ଥିଲେ।

46 ତେବେ, ସେଠାରେ ଆମ ପାଖରେ ତାହା ଅଛି। ତାହାହିଁ ଏହା ଅଟେ, କେବଳ। ଏହାହିଁ ଅଟେ, କାରଣ କେବଳ ସେ ହିଁ, ପରମେଶ୍ୱରଙ୍କ ମନୋନୀତ ଉପାସନାର ସ୍ଥାନ ଅଟନ୍ତି। ପରମେଶ୍ୱରଙ୍କ ସ୍ଥାନ, ମନୋନୀତ। ପରମେଶ୍ୱର ମନୁଷ୍ୟକୁ ଭେଟିବାକୁ ମନୋନୀତ କଲେ; କୌଣସି ଏକ ମଣ୍ଡଳୀରେ ନୁହେଁ, ଏକ ନାମଧାରୀ ସଂସ୍ଥାରେ ନୁହେଁ, ଏକ ମତରେ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କଠାରେ। ତାହାହିଁ କେବଳ ସେହି ଏକମାତ୍ର ସ୍ଥାନ ଅଟେ ଯେଉଁଠାରେ ପରମେଶ୍ୱର ଜଣେ ବ୍ୟକ୍ତିଙ୍କୁ ଭେଟିବେ, ଏବଂ ସେ ପରମେଶ୍ୱରଙ୍କୁ ଉପାସନା କରିପାରିବ, ତାହା ହେଲା ଖ୍ରୀଷ୍ଟଙ୍କଠାରେ। ତାହାହିଁ ହେଉଛି ଏକମାତ୍ର ସ୍ଥାନ। ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ

ମେଥୋଡିଷ୍ଟ, ବାପ୍‌ଟିଷ୍ଟ, କ୍ୟାଥୋଲିକ, ପ୍ରୋଟେଷ୍ଟାଣ୍ଟ, ଆପଣ ଯାହାକିଛି ବି ହୋଇପାରନ୍ତି, କେବଳ ଗୋଟିଏ ମାତ୍ର ସ୍ଥାନ ଅଛି ଯେଉଁଠାରେ ଆପଣ ସଠିକ୍ ଭାବରେ ପରମେଶ୍ୱରଙ୍କୁ ଉପାସନା କରିପାରନ୍ତି, ତାହା ହେଲା ଖ୍ରୀଷ୍ଟଙ୍କଠାରେ ।

ରୋମୀୟ ୫:1, କୁହେ, "ଅତଏବ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ଲୋକମାନଙ୍କୁ ବର୍ତ୍ତମାନ କୌଣସି ନିନ୍ଦା ନାହିଁ, ଯେଉଁମାନେକି ଶରୀର ଅନୁସାରେ ଚାଲନ୍ତି ନାହିଁ, ମାତ୍ର ଆତ୍ମାଙ୍କ ଅନୁସାରେ ଚାଲନ୍ତି ।" ତାହାହିଁ ସୁସମାଚାର ଅଟେ ।

47 ଆମେ ବିଶ୍ୱାସମତ ଉପରେ ଭିନ୍ନ ହୋଇପାରିବା । ଆମେ ମନୁଷ୍ୟ-କୃତ ଜ୍ଞାନଶିକ୍ଷା ଉପରେ ଭିନ୍ନ ହୋଇପାରିବା । ଆପଣ ଏକ ମେଥୋଡିଷ୍ଟ ମଣ୍ଡଳୀକୁ ଯାଇପାରନ୍ତି, ଆପଣଙ୍କୁ ଜଣେ ମେଥୋଡିଷ୍ଟ ହେବାକୁ ପଡିବ; ଏକ ବାପ୍‌ଟିଷ୍ଟ, ଜଣେ ବାପ୍‌ଟିଷ୍ଟ; ଏକ କ୍ୟାଥୋଲିକ୍, ଜଣେ କ୍ୟାଥୋଲିକ୍ । କିନ୍ତୁ ଯେତେବେଳେ ଆପଣ ଥରେ ଖ୍ରୀଷ୍ଟଙ୍କଠାରେ ବାପ୍ତିଜିତ ହୋଇ, ତାହାଙ୍କ ଶରୀରର ଏକ ସଦସ୍ୟ ହୋଇଯାଆନ୍ତି, ସେଠାରେ କୌଣସି ପାର୍ଥକ୍ୟ ରହେ ନାହିଁ । ବିଭାଜନର ମଝି କାନ୍ଥଗୁଡ଼ିକ ଭାଙ୍ଗିଯାଏ ଏବଂ ଆପଣ ମୁକ୍ତ ହୋଇଯାଆନ୍ତି, କାରଣ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି । ଏବଂ ଯେତେବେଳେ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଥାଆନ୍ତି, ଆପଣ ଆତ୍ମା ଏବଂ ସତ୍ୟରେ ପରମେଶ୍ୱରଙ୍କୁ ଉପାସନା କରନ୍ତି । ଏହା ଆପଣଙ୍କ ନିମନ୍ତେ ପରମେଶ୍ୱରଙ୍କ ଯୋଜନା ଅଟେ ଯେ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କୁ ଉପାସନା କରନ୍ତୁ ।

48 ତେବେ, କୌଣସି ନାମଧାରୀ ମଣ୍ଡଳୀ ଏହା ଦାବି କରିପାରେ ନାହିଁ, କେହି ବି ତାହା ଦାବି କରିପାରେ ନାହିଁ । ଏହିପରି ଦାବି କରିବାକୁ ତୁମେ କିପରି ସାହସ କରୁଅଛ? ଏହିପରି କାର୍ଯ୍ୟ କରିବା ଏକ ଖ୍ରୀଷ୍ଟବିରୋଧୀ ଆତ୍ମା ହେବ, ଖ୍ରୀଷ୍ଟଙ୍କଠାରୁ ଅନ୍ୟତ୍ର ନେଇ ଯିବା; ତାହାଙ୍କଠାରୁ ଅଲଗା କରିନେଇ ଯିବା । ଆପଣ ତାହା କରିପାରନ୍ତି ନାହିଁ । ଖ୍ରୀଷ୍ଟ ହିଁ ଏକମାତ୍ର ସ୍ଥାନ ଅଟନ୍ତି ଯେଉଁଠାରେ ପରମେଶ୍ୱର ଉପାସକମାନଙ୍କୁ ଭେଟନ୍ତି ।

49 ସେମାନେ ଆଜି, କୁହନ୍ତି । ମୋତେ କହିବା ପାଇଁ ମୋ ପାଖରେ ଲୋକ ରହିଥିଲେ । ଟେକ୍ସାସର, ବିୟୁମଣ୍ଟରେ, ଅଳ୍ପ କିଛି ସମୟ ପୂର୍ବରୁ ଜଣେ ବ୍ୟକ୍ତି ମୋତେ ଫୋନ୍ ଯୋଗେ ଡାକିଲେ । ସେ କହିଲେ, "ଶ୍ରୀମାନ ବ୍ରାନହାମ୍, ଯଦି ଆପଣଙ୍କର ନାମ ଆମ ମଣ୍ଡଳୀ ପୁସ୍ତକରେ ନାହିଁ, ଆପଣ ସ୍ୱର୍ଗକୁ ଯାଇପାରିବ ନାହିଁ ।" କଅଣ ଆପଣ କେବେ ସେହିପରି ବିଷୟ ଚିନ୍ତା କରିବେ କି? ଆପଣ ସେହିପରି ଗୋଟିଏ ବିଷୟକୁ ବିଶ୍ୱାସ କରନ୍ତୁ ନାହିଁ । ସେମାନେ ଭାବନ୍ତି ଯେ ଆପଣଙ୍କୁ ସେହି ନିର୍ଦ୍ଦିଷ୍ଟ ମଣ୍ଡଳୀ ସହିତ ସମ୍ପୃକ୍ତ ହେବା ଆବଶ୍ୟକ ନୋହିଲେ ଆପଣ ସ୍ୱର୍ଗକୁ ଯାଇପାରିବେ ନାହିଁ । ତାହା ଭୁଲ ଅଟେ । ତାହା ବିଶ୍ୱାସ କରିବା, ହେଉଛି ଖ୍ରୀଷ୍ଟବିରୋଧୀ । ମୁଁ ଏହା କୁହେ: ଯଦି ଆପଣ ଏପରି ଏକ ଆତ୍ମାକୁ ବିଶ୍ୱାସ କରିବେ, ଆପଣ ବିନଷ୍ଟ ଅଟନ୍ତି । ଆପଣ ହଜିଯାଇଥିବାର ତାହା ଏକ ଭଲ ସଙ୍କେତ ଅଟେ, କାରଣ ଏହା ପରମେଶ୍ୱର ଯାହା କରିଛନ୍ତି ତାହାଠାରୁ ଦୂରେଇ ଅନ୍ୟତ୍ର ନେଇଯିବା ବିଷୟ ଅଟେ ।

ପରମେଶ୍ୱର କେବେବି ନିଜର ନାମକୁ କୌଣସି ମଣ୍ଡଳୀରେ ସ୍ଥାପନ କଲେ ନାହିଁ । ସେ ଏହାକୁ ତାହାଙ୍କର ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ଥାପନ କଲେ, ଯେତେବେଳେ ସେ ଏବଂ ତାହାଙ୍କର ପୁତ୍ର ଏକ ହେଲେ । ତାହାହିଁ ହେଉଛି ପ୍ରକୃତ ଉପାସନାର ସ୍ଥାନ । ଅନ୍ୟ କୌଣସି ଭିତ୍ତିମୂଳ ସ୍ଥାପନ କରାଯାଇ ନାହିଁ, ଅନ୍ୟ କୌଣସି ଶୈଳ ନାହିଁ ।

> ଖ୍ରୀଷ୍ଟଙ୍କ ଉପରେ, ସେହି ମଜବୁତ ଶୈଳ ଉପରେ, ମୁଁ ଛିଡ଼ା ହୋଇଛି;
> ଅନ୍ୟ ସମସ୍ତ ଭୂମି ଧସିଯାଉଥିବା ବାଲୁକା ଅଟେ ।

ନାମଧାରୀ ସଂସ୍ଥାମାନ ଭାଙ୍ଗି ତଳେ ପଡ଼ିଯିବ, ଜାତିଗୁଡ଼ିକ ଲୋପ ପାଇଯିବ, କିନ୍ତୁ ସେ ଚିରଦିନ ପାଇଁ ସ୍ଥାୟୀ ରହିବେ । ପରମେଶ୍ୱରଙ୍କୁ ଉପାସନା କରିବା ନିମନ୍ତେ, ମନୁଷ୍ୟ ଅନ୍ୟ କୌଣସି ସ୍ଥାନ ଖୋଜି ପାଇପାରେ ନାହିଁ, ଯେଉଁଠାରେକି ପରମେଶ୍ୱର ତାହା ସହିତ ପ୍ରତ୍ୟୁତ୍ତରରେ କଥାବାର୍ତ୍ତା କରିବେ, ଖ୍ରୀଷ୍ଟ ଯୀଶୁଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନ ହିଁ ନାହିଁ । ତାହାହିଁ ଏକମାତ୍ର ସ୍ଥାନ ଅଟେ, ଏକମାତ୍ର ସ୍ଥାନ ଯାହାକି ପରମେଶ୍ୱର ତାହାଙ୍କର ନାମକୁ ରଖିବା ପାଇଁ ମନୋନୀତ କରିଥିଲେ, ଏବଂ ଏକମାତ୍ର ସ୍ଥାନ ଯେଉଁଠାରେ ସେ ଉପାସନା ନିମନ୍ତେ, ମନୁଷ୍ୟକୁ ସାକ୍ଷାତ କରନ୍ତି । ଅନ୍ୟ କିଛି ବିଶ୍ୱାସ କରିବା ହେତୁ, ଆପଣ ବିନଷ୍ଟ ଅଟନ୍ତି ।

50 ଧ୍ୟାନ ଦିଅନ୍ତୁ, ସମସ୍ତ ସାତୋଟିଯାକ ଯିହୁଦୀ ପର୍ବ ସମାନ ସ୍ଥାନରେ ପାଳନ କରାଯାଉଥିଲା । ସେମାନେ କେବେବି *ଏଠାରେ* ମେଥୋଡିଷ୍ଟ ପାଇଁ ଗୋଟିଏ ପର୍ବ, ଏବଂ *ଏଠାରେ* ବାପ୍‌ଟିଷ୍ଟ ପାଇଁ ଗୋଟିଏ ପର୍ବ ରଖୁ ନ ଥିଲେ, *ସେଠାରେ* ପ୍ରେସ୍‌ବିଟେରିଆନ୍ ପାଇଁ ଗୋଟିଏ, *ଏଠାରେ* ପଛରେ କ୍ୟାଥୋଲିକ୍ ପାଇଁ ଗୋଟିଏ, ଏବଂ ପ୍ରୋଟେଷ୍ଟାଣ୍ଟ ପାଇଁ ଗୋଟିଏ । ସମସ୍ତ ସାତୋଟିଯାକ ପର୍ବ ସମାନ ସ୍ଥାନରେ ପାଳନ କରାଯାଉଥିଲା ।

51 ଏହା ଏଠାରେ ଏକ ବହୁତ ସୁନ୍ଦର ପ୍ରତିଚିତ୍ରଣ ଅଟେ । ଆମେ ଏବେହେଁ ସପ୍ତ ମଣ୍ଡଳୀ ଯୁଗ ଦେଇ ଗତି କରିଛୁ, ଏହା ଦେଖାଇବାକୁ ଯାଉଅଛି ଯେ ପରମେଶ୍ୱର ସମସ୍ତ ସପ୍ତ ମଣ୍ଡଳୀ ଯୁଗଗୁଡିକୁ ବାକ୍ୟରେ ରଖିଥିଲେ, ପ୍ରତ୍ୟେକ ମଣ୍ଡଳୀ ଯୁଗ ନିମନ୍ତେ ବାକ୍ୟର ଏକ ଅଂଶକୁ ପ୍ରକାଶ କରିଥିଲେ, ଏବଂ ଯେତେବେଳେ ସେମାନେ ଏହାକୁ ପ୍ରକାଶ କଲେ ସେତେବେଳେ ସେମାନେ ଜ୍ୟୋତିକୁ ଦେଖିଲେ ।

ଠିକ୍ ସେହି ଲୋକମାନଙ୍କ ଭଳି ଯେଉଁମାନେ ପ୍ରଥମେ ଯୀଶୁଙ୍କ ନାମରେ ବାପ୍ତିଜିତ କରିବା ବିଷୟକୁ ଆବିଷ୍କାର କରିଥିଲେ । ସେମାନେ କଅଣ କଲେ? ସେମାନେ ସେଥିରୁ ଏକ ନାମଧାରୀ ସଂସ୍ଥା ତିଆରି କଲେ, ଏବଂ ତାହା ଠିକ୍ ସେଠାରେ ହିଁ ମରିଗଲା । ତାହାପରେ ପରମେଶ୍ୱର ଅନ୍ୟ କୌଣସି ବିଷୟ ମଧ୍ୟକୁ ଗତି କରି ଚାଲିଗଲେ । ସେ ସେହି ଧର୍ମମତ ଏବଂ ସିଦ୍ଧାନ୍ତଗୁଡିକ ମଧ୍ୟରୁ ଗୋଟିଏରେ ବି ରହିବେ ନାହିଁ । ତାହାଙ୍କର ଏହା ସହିତ କୌଣସି ହେଲେ ସମ୍ପର୍କ ନାହିଁ । ପରମେଶ୍ୱରଙ୍କ ବିଷୟରେ କିଛି ହେଲେ ବିକୃତ ନାହିଁ । ପରମେଶ୍ୱରଙ୍କ

ବାକ୍ୟ ପବିତ୍ର, ଅମିଶ୍ରିତ ଅଟେ । ଖ୍ରୀଷ୍ଟ ହେଉଛନ୍ତି ପରମେଶ୍ୱରଙ୍କ ଉପାସନାର କେନ୍ଦ୍ର ବିନ୍ଦୁ । ସେ ହେଉଛନ୍ତି ପରମେଶ୍ୱର ।

52 ସମସ୍ତ ସାତୋଟିଯାକ ପର୍ବ ଗୋଟିଏ ସ୍ଥାନରେ ପାଳନ କରାଯିବା ଆବଶ୍ୟକ । ଆପଣ ଅନ୍ୟ କୌଣସି ସ୍ଥାନରେ ସେହି ପର୍ବକୁ ରଖିପାରନ୍ତି ନାହିଁ । କିନ୍ତୁ ସେହି ସାତ, ସ୍ଥାନ...ବର୍ଷର ସେହି ସାତୋଟି ପର୍ବ ଗୋଟିଏ ସ୍ଥାନରେ ହିଁ ପାଳନ କରାଯିବା ଜରୁରୀ ଅଟେ । ତେଣୁ, ସେହି ସପ୍ତ ମଣ୍ଡଳୀ ଯୁଗମାନଙ୍କୁ ଗୋଟିଏ ସ୍ଥାନରୁ ଆସିବାକୁ ଥିଲା, ଯାହାକି ସମସ୍ତ ସପ୍ତ ମଣ୍ଡଳୀ ଯୁଗରେ ଖ୍ରୀଷ୍ଟ ହିଁ କହୁଥିଲେ । ତାହା ଠିକ୍ ଅଟେ । ସପ୍ତ ମଣ୍ଡଳୀ ଯୁଗର, ପ୍ରତିଚିତ୍ରଣ, ମାତ୍ର ସେମାନେ ଏଥିରୁ ନାମଧାରୀ ସଂସ୍ଥାମାନ ନିର୍ମାଣ କରି ପକାଇଲେ ।

53 ବର୍ତ୍ତମାନ ଆସନ୍ତୁ ଆମେମାନେ ଏଠାରେ ରହିଥିବାବେଳେ ଅନ୍ୟ ଏକ ପ୍ରତିରୂପକୁ ଦେଖିବା, ତାହା ହେଉଛି, ନିସ୍ତାରପର୍ବର ପ୍ରତିରୂପ, ଯାହାକି ଯୀଶୁଙ୍କୁ ପ୍ରତିଚିତ୍ରଣ କରିଥିଲା । ଆମେ ଏଠାରେ ମୃତ୍ୟୁ ଦ୍ୱାରା, ରକ୍ତର ବଳିଦାନକୁ ଲକ୍ଷ୍ୟ କରୁ । ରକ୍ତର ବଳିଦାନ ହିଁ ଥିଲା ଯାହାକି ଖ୍ରୀଷ୍ଟଙ୍କୁ ପ୍ରତିଚିତ୍ରଣ କରିଥିଲା । କଅଣ ଏକ ନାମଧାରୀ ସଂସ୍ଥା ରକ୍ତ ପାତିତ କରିପାରେ କି; କଅଣ ଆପଣ ଏକ ମଣ୍ଡଳୀକୁ ରକ୍ତ ପାତିତ କରୁଥିବା, ଏକ ନାମଧାରୀ ସଂସ୍ଥାକୁ ରକ୍ତ ପାତିତ କରୁଥିବା ବିଷୟରେ ଭାବି ପାରନ୍ତି କି? ନିଶ୍ଚିତରେ ନୁହେଁ । ଜୀବନରୁ ରକ୍ତ ପାତିତ ହେବା ପାଇଁ, ଏହା ରକ୍ତ ଆବଶ୍ୟକ କରେ । ଏବଂ, ସେହି ଜୀବନ, ଯୀଶୁ ଏଠାରେ ମେଷଶାବକଙ୍କ ଦ୍ୱାରା ଦୃଶ୍ୟକୁ ଆସନ୍ତି । ମେଷଶାବକ ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ ଥିଲା, ଏବଂ ଖ୍ରୀଷ୍ଟଙ୍କୁ ପ୍ରତିଚିତ୍ରଣ କରିଥିଲା, କାରଣ ସେ "ପରମେଶ୍ୱରଙ୍କ ମେଷଶାବକ" ଥିଲେ, ଯାହାଙ୍କୁ ଯୋହନ ପରିଚିତ କରାଇଥିଲେ, "ଯିଏ ଜଗତର ପାପକୁ ବୋହି ନେଇଯାଆନ୍ତି ।" ଆମେ ଏଠାରେ ଯାତ୍ରାପୁସ୍ତକ 12ଶ ପର୍ବରେ, ଯୀଶୁଙ୍କୁ ଦୃଶ୍ୟମାନ ହେଉଥିବାର ଦେଖୁ ।

54 ଧ୍ୟାନ ଦିଅନ୍ତୁ, ଏହା ହିଁ ଏକମାତ୍ର ସ୍ଥାନ ଥିଲା ଯେଉଁଠାରେ ମୃତ୍ୟୁ ଆଘାତ କରିପାରି ନ ଥିଲା । ଯେତେବେଳେ ମୃତ୍ୟୁ ଦେଶକୁ ଆଘାତ କରିବାକୁ ଯାଉଥିଲା, ସେଠାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିବା ଆବଶ୍ୟକ ଥିଲା; ତାହାର ବାହାରେ ସମସ୍ତଙ୍କର ମୃତ୍ୟୁ ହୋଇଥିଲା । କେବଳ ଗୋଟିଏ ମାତ୍ର ସ୍ଥାନ! ତେବେ, ତାହାର ଅର୍ଥ ଏହା ନ ଥିଲା ଯେ ଏହା ଗୋଟିଏ ଘର ଥିଲା; କିନ୍ତୁ ଗୋଟିଏ ସ୍ଥାନ ଥିଲା, ଯେଉଁଠାରେକି ମେଷଶାବକକୁ ହତ୍ୟା କରାଯାଇଥିଲା । ଯେଉଁଠାରେ ମେଷଶାବକଙ୍କ ରକ୍ତ ଥିଲା, ସେହି ସଂହାରକ ଦୂତ ଆଘାତ କରିପାରି ନ ଥିଲେ, କାରଣ ଏହା ଏକମାତ୍ର ସ୍ଥାନ ଥିଲା ଯେଉଁଠାରେକି ପରମେଶ୍ୱର ତାହାଙ୍କର ନାମକୁ ରଖିଥିଲେ । ଏବଂ ସେହି ମେଷଶାବକକୁ ସେଠାରେ ପଛରେ ଆରମ୍ଭରେ, ଏକ ମେଷଶାବକ ବୋଲି ନାମିତ କରାଯାଇଥିଲା । ଧ୍ୟାନ ଦିଅନ୍ତୁ, ତାହା ସେହି ଏକମାତ୍ର ସ୍ଥାନ ଥିଲା ଯାହାକୁ ସେ ଆଘାତ କରିପାରି ନ ଥିଲା ।

55 ଏବଂ ଆଜି ମଧ୍ୟ ସେହି ସମାନ ବିଷୟ ଅଟେ । କେବଳ ଗୋଟିଏ ମାତ୍ର ସ୍ଥାନ ଅଛି ଯାହାକୁ ଆତ୍ମିକ ମୃତ୍ୟୁ ଆଘାତ କରିପାରେ ନାହିଁ, ତାହା ହେଉଛି ବାକ୍ୟ । ମୃତ୍ୟୁ ବାକ୍ୟକୁ ଆଘାତ

କରିପାରେ ନାହିଁ, କାରଣ ଏହା ପରମେଶ୍ୱରଙ୍କ ଜୀବନ୍ତ ବାକ୍ୟ ଅଟେ ।

ମାତ୍ର ଯେତେବେଳେ ଆପଣ ଏହା ସହିତ ମତବାଦକୁ ମିଶାନ୍ତି, ବାକ୍ୟ ନିଜେ ବାହାରକୁ ଚାଲିଯାଏ । ଏହା ତେଲରୁ ପାଣି ପରି ଅଲଗା ହୋଇଯିବ । ଆପଣ ଏହାକୁ ଏକାଠି ମିଶାଇ ପାରିବେ ନାହିଁ। ଅତଏବ, ଆପଣ ଦେଖନ୍ତୁ, ଯେତେବେଳେ ମତବାଦ ଏକ ନାମଧାରୀ ସଂସ୍ଥାକୁ ଆସେ, ସେମାନେ ସମସ୍ତେ ସେହି ମତବାଦକୁ ଅନୁସରଣ କରନ୍ତି; ଆଉ ବାକ୍ୟ ମରିଯାଏ, ଏବଂ ଅନ୍ୟ କାହାରି ସହିତ ଚାଲିଯାଏ ପୁଣି ଏହାକୁ ଅଧିକ ବୃଦ୍ଧି ସାଧନ କରାଏ । ଗତୀୟମାନ ହୋଇଥାଏ, ଯେତେବେଳେକି ଏହା ଧାର୍ମିକ ଗଣିତ ହେବା, ପବିତ୍ରୀକୃତ ହେବା, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ, ଏବଂ ତାହାପରେ ଶସ୍ୟକୁ ଚାଲି ଯାଇଥାଏ! ପରମେଶ୍ୱର ଯେଉଁ ପଥ ଅବଲମ୍ବନ କରିଛନ୍ତି କଅଣ ଆପଣ ତାହା ଦେଖନ୍ତି କି? ତାହାଙ୍କର ନାମକୁ, ସର୍ବଦା, ଠିକ୍ ସେହି ସମାନ ଉପାୟରେ ହିଁ ନେଇ କରି ଆସନ୍ତି, କାରଣ ସେ ହେଉଛନ୍ତି ବାକ୍ୟ ।

ଧ୍ୟାନ ଦିଅନ୍ତୁ, ତାହା ମରିପାରେ ନାହିଁ । ଜୀବନର ବାକ୍ୟ ମରିପାରେ ନାହିଁ ।

56 ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ କେତେ ସିଦ୍ଧ । ମିସରର ମହାନ ବୁଦ୍ଧିଜୀବୀମାନଙ୍କୁ ମାରିବା ନିମନ୍ତେ ସେହି ସଂହାରକ ଦୂତଙ୍କୁ ବାରଣ କରାଯାଇ ନ ଥିଲା । ତାହାର ପବିତ୍ର ଭୂମି, ତାହାର ମହାନ ଅଟ୍ଟାଳିକାମାନ, ତାହାର ଫାରୋମାନଙ୍କୁ ମାରିବା ପାଇଁ ନିଷେଧ କରାଯାଇ ନ ଥିଲା । କିମ୍ଵା, ସେହି ଦେଶର ଯାଜକମାନଙ୍କୁ, ମାରିବାକୁ ସେହି ସଂହାରକ ଦୂତଙ୍କୁ ବାରଣ କରାଯାଇ ନ ଥିଲା । ଏହା ଯେକୌଣସି କୋଠା, ଯେକୌଣସି ସ୍ଥାନ, ଯେକୌଣସି ବ୍ୟକ୍ତିଙ୍କୁ ଆଘାତ କରିପାରେ, କିନ୍ତୁ ତାହା ସେହି ସ୍ଥାନକୁ ଆଘାତ କରିପାରେ ନାହିଁ ଯେଉଁଠାରେକି ମେଷଶାବକ ରହିଥିଲା ।

ମୃତ୍ୟୁ ସେହି ସ୍ଥାନକୁ ଆଘାତ କରିପାରେ ନାହିଁ ଯେଉଁଠାରେକି ପରମେଶ୍ୱରଙ୍କ ଏହି ପ୍ରଦତ୍ତ ସ୍ଥାନ ଅଟେ, ଏବଂ ତାହା ହେଉଛି ମେଷଶାବକଙ୍କଠାରେ ।

57 ଧ୍ୟାନ ଦିଅନ୍ତୁ, ଏପରି ନ ଥିଲା ଯେ...ତାହାଙ୍କୁ ଇସ୍ରାଏଲକୁ କିମ୍ଵା ତାହାର ଏବ୍ରୀ ଯାଜକମାନଙ୍କୁ ଆଘାତ କରିବାକୁ ବାରଣ କରାଯାଇଥିଲା, ଏବଂ, କିମ୍ଵା ସେମାନଙ୍କର କୌଣସି ନାମଧାରୀ ସଂସ୍ଥାମାନଙ୍କୁ । ସମସ୍ତଙ୍କୁ ପରମେଶ୍ୱରଙ୍କ ମନୋନୀତ, ପ୍ରଦତ୍ତ ସ୍ଥାନରେ ରହିବା ଜରୁରୀ ଥିଲା, ନତୁବା ମୃତ୍ୟୁ ଆଘାତ କରିଥିଲା ।

58 ମଣ୍ଡଳୀ, ଆପଣ ଯେଉଁଠାରେ ବି ଥାଆନ୍ତୁ, ଆପଣ କାହା ସହିତରେ ବି ସମ୍ପୃକ୍ତ ହୁଅନ୍ତୁ, ମୋର କୌଣସି ଫରକ୍ ପଡ଼େ ନାହିଁ । ମାତ୍ର, ଗୋଟିଏ ବିଷୟ ଯାହା ଆପଣ ନିଶ୍ଚୟ ଜାଣିବା ଉଚିତ୍, ଆପଣଙ୍କୁ ଖ୍ରୀଷ୍ଟଙ୍କଠାରେ ରହିବାକୁ ପଡ଼ିବ ନଚେତ ଆପଣ ମୃତ ଅଟନ୍ତି । ଆପଣ ତାହାଙ୍କ ବାହାରେ ରହିପାରନ୍ତି ନାହିଁ। ଆପଣଙ୍କର ମଣ୍ଡଳୀ, ଏକ ଭବନ ଭାବରେ ଠିକ୍ ହୋଇପାରେ; ଆପଣଙ୍କର ସହଭାଗୀତା, ଜଣେ ମନୁଷ୍ୟ ଭାବରେ ଠିକ୍ ହୋଇପାରେ । ମାତ୍ର ଯେତେବେଳେ ଆପଣ ସେହି ଶରୀର, ସେହି ରକ୍ତ, ଯୀଶୁ ଖ୍ରୀଷ୍ଟଙ୍କର ସେହି ବାକ୍ୟକୁ ଅସ୍ୱୀକାର କରନ୍ତି, ଆପଣ ଠିକ ସେହି ମୁହୁର୍ତ୍ତରେ ମରିଯାଆନ୍ତି ଯେତେବେଳେ ଆପଣ ତାହା

କରନ୍ତି । ଏହା ପରମେଶ୍ୱରଙ୍କର ମନୋନୀତ ଉପାସନାର ସ୍ଥାନ ଅଟେ । ସେହିଠାରେ ହିଁ ଅଟେ ଯେଉଁଠାରେକି ତାହାଙ୍କର ନାମ, ଅବିକଳ ଭାବରେ ରହିଛି । ସେହିଠାରେ ହିଁ ଅଟେ ଯେଉଁଠାରେକି ସେ ନିଜର ନାମକୁ ସ୍ଥାପନ କରିବାକୁ ମନୋନୀତ କରିଥିଲେ; ମଣ୍ଡଳୀରେ ନୁହେଁ, ବରଂ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କଠାରେ ।

59 ଧ୍ୟାନ ଦିଅନ୍ତୁ, ସୁରକ୍ଷା କେବଳ ତାହାଙ୍କର ମନୋନୀତ ସ୍ଥାନରେ, ତାହାଙ୍କର ମେଷଶାବକଙ୍କଠାରେ, ଏବଂ ମେଷଶାବକଙ୍କ ନାମରେ ରହିଥିଲା ।

60 ଧ୍ୟାନ ଦିଅନ୍ତୁ, ଏହା ଏକ "ଅଣ୍ଡିରା" ମେଷଶାବକ ଥିଲା, ମାଈ ନୁହେଁ । ଏକ ମଣ୍ଡଳୀ, ସ୍ତ୍ରୀ ନୁହେଁ; ମାତ୍ର ପୁରୁଷର ନାମ, ସ୍ତ୍ରୀଲୋକର ନାମ ନୁହେଁ । ଯେଉଁଠାରେ ସେ ଲୋକମାନଙ୍କୁ ଭେଟିବାକୁ ଯାଉଥିଲେ ତାହା ସ୍ତ୍ରୀଲୋକର ନାମରେ ନ ଥିଲା, ବରଂ ତାହାଙ୍କର, ପୁରୁଷ, ସେହି ମେଷଶାବକଙ୍କ ନାମରେ ଥିଲା!

61 ବର୍ତ୍ତମାନ ଆମେ କହୁ, "ସେହି ମଣ୍ଡଳୀ, ସେହି ମହାନ, ଶକ୍ତିଶାଳୀ ମଣ୍ଡଳୀ, ସେ *ଏହା* କଲେ ଏବଂ ସେ *ତାହା* କଲେ । ସେ ଝଡ଼ ତୋଫାନଗୁଡିକୁ ସହ୍ୟ କରିଅଛି । ଆମେ ଜନସଂଖ୍ୟାରେ ବୃଦ୍ଧି ସାଧନ କରିଅଛୁ । ଆମେ ସଂଖ୍ୟାରେ ଅତ୍ୟଧିକ ଅଟୁ । ଆମେ ଏକ ଶକ୍ତିଶାଳୀ ମଣ୍ଡଳୀ ଅଟୁ । ସେ ଏକ ବହୁତ ମହାନ ବିଷୟ ଅଟେ ।"

ମାତ୍ର ପରମେଶ୍ୱର କେବେ ବି ସେ ଅର୍ଥାତ୍ ସ୍ତ୍ରୀ ବିଷୟରେ କିଛି କହି ନାହାଁନ୍ତି । ସେ କହିଲେ, "ତାହାଙ୍କର ଅର୍ଥାତ ପୁରୁଷ ।" "ସେ," ହେଉଛନ୍ତି ସାକ୍ଷାତର ସ୍ଥାନ, ସେହି ମେଷଶାବକ, ମଣ୍ଡଳୀ ନୁହେଁ । ସ୍ତ୍ରୀର ନାମ ନୁହେଁ, କିନ୍ତୁ ପୁରୁଷର ନାମ । ସେ ସ୍ତ୍ରୀର ନାମକୁ କୌଣସି ସ୍ଥାନରେ ରଖିଲେ ନାହିଁ । ସେ ପୁରୁଷର ନାମକୁ "ତାହାଙ୍କଠାରେ" ରଖିଲେ!

ସେଇଥି ପାଇଁ, "ଆମେ ଯାହା ବି କରିବା, ଅଥବା ଶବ୍ଦରେ ବା କାର୍ଯ୍ୟରେ, ଆମେ ତାହା ସବୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ କରିବା ଉଚିତ୍ ।" ଯଦି ଆମେ ପ୍ରାର୍ଥନା କରୁ, ତେବେ ଆମେ ଯୀଶୁଙ୍କ ନାମରେ ପ୍ରାର୍ଥନା କରିବା ଉଚିତ୍ । ଯଦି ଆମେ ନିବେଦନ ମାଗୁ, ଆମକୁ ଯୀଶୁଙ୍କ ନାମରେ ମାଗିବାକୁ ଅଛି । ଯଦି ଆମେ ଚାଲୁ, ଆମେ ଯୀଶୁଙ୍କ ନାମରେ ଚାଲୁ । ଯଦି ଆମେ କଥା କହୁ, ଆମେ ଯୀଶୁଙ୍କ ନାମରେ କଥା କହୁ । ଯଦି ଆମେ ବାପ୍ତିଜିତ କରୁ, ତେବେ ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କରିବାକୁ ଅଛି । କାରଣ, "ଆମେ ଯାହା ଶବ୍ଦ ବା କାର୍ଯ୍ୟରେ କରିଥାଉ, ତାହା ଯୀଶୁ ଖ୍ରୀଷ୍ଟଙ୍କ ନାମରେ କରୁ ।"

62 ଥରେ ଜଣେ ବ୍ୟକ୍ତି, ତାହା ଆଲୋଚନା କରି ମୋତେ କହିଲେ, ସେ କହିଲେ, "ଭାଇ ବ୍ରାନହାମ୍, ମୋ ପତ୍ନୀ, ମୁଁ ନୁହେଁ..." ସେ କହିଲେ, "ସେ, ତାଙ୍କ ନାମ *ଅମୁକ-ଓ-ଅମୁକ* ।" ସେ ଜଣେ ସେବକ ଅଟନ୍ତି, ହୁଏତ ବର୍ତ୍ତମାନ ଏଠାରେ ବସିଥିବେ । ଏବଂ ସେ କହିଲେ, "ମୋ ସ୍ତ୍ରୀ," କହିଲେ, "ସେ ମୋର ନାମ ଧାରଣ କରିଛି ।" ମୁଁ କେବଳ କହିବି *ଜୋନ୍ସ*, କାରଣ ଏହା ଜୋନ୍ସ ନ ଥିଲା । ସେ କହିଲେ, "ବର୍ତ୍ତମାନ, ତାଙ୍କୁ ପ୍ରତିଦିନ ସକାଳେ ଉଠି, ଝାଡୁ ଧରି ଏବଂ ଏହା କହିବାକୁ ପଡ଼େ ନାହିଁ, 'ତେବେ ମୁଁ ଜୋନ୍ସଙ୍କ ନାମରେ ଭୂଇଁ ସଫା କରୁଛି, ଏବଂ ମୁଁ ଜୋନ୍ସଙ୍କ

ନାମରେ ବାସନ ଧୋଉଅଛି, ଆଉ ମୁଁ ଜୋନ୍ସଙ୍କ ନାମରେ ଲୁଗା ତାଳି ଦେଇ ସିଲେଇ କରେ ।'" ସେ କହିଲେ, "ମୁଁ ଭାବୁ ନାହିଁ ଯେ ଆପଣଙ୍କୁ ଆଦୌ କୌଣସି ନାମ ଡାକିବାକୁ ପଡ଼ିଥାଏ ।"

ମୁଁ କହିଲି, "ମୁଁ ବିଶ୍ୱାସ କରେ ଯେ ଆପଣ କରନ୍ତି ।" ତାହା ଠିକ୍ ।

ଏବଂ ସେ କହିଲେ, "ଆଚ୍ଛା, କାହିଁକି? ତାଙ୍କୁ ଏହା କହିବାକୁ ପଡ଼େ ନାହିଁ । ସମସ୍ତ ବିଷୟ ଯାହା ସେ କରନ୍ତି ତାହା ଆରମ୍ଭରୁ ହିଁ, ଜୋନ୍ସଙ୍କ ନାମରେ ଅଟେ ।"

63 ମୁଁ କହିଲି, "କିନ୍ତୁ ଆପଣ କେବେ ବି ରାସ୍ତାରେ ଯାଇ ତାକୁ ଧରି ଆଣି, ଏହା କହି ନାହାଁନ୍ତି, 'ଜୋନ୍ସ, ଆସ ।' ତାଙ୍କୁ ତ, ପ୍ରଥମେ, ଏକ ସମାରୋହ, ଏକ ବିବାହ ସମାରୋହ ଦ୍ୱାରା, 'ଜୋନ୍ସ' ହେବାକୁ ପଡିଥିଲା । ଯଦି ସେ ତାହା କରି ନାହାଁନ୍ତି, ତେବେ ଆପଣ ବ୍ୟଭିଚାରରେ ବାସ କରୁଛନ୍ତି । ଏବଂ ଯଦି ଆପଣ ଯୀଶୁ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ଅନ୍ୟ କୌଣସି ଉପାୟରେ ବାପ୍ତିଜିତ ହୋଇଛନ୍ତି, ଏହା ଏକ ବ୍ୟଭିଚାର ବାପ୍ତିସ୍ମ ଅଟେ, ଯାହାକି ବାଇବଲରେ ମିଳେ ନାହିଁ ।"

ତେବେ, "ଆପଣ ଶବ୍ଦରେ ଓ କାର୍ଯ୍ୟରେ ଯାହାକିଛି କରନ୍ତି, ତାହା ସବୁ ଯୀଶୁଙ୍କ ନାମରେ କରନ୍ତୁ ।" ଏହା ପରେ, ଆପଣ ଯାହାକିଛି କରନ୍ତି! କିନ୍ତୁ ପ୍ରଥମେ, ଆପଣ ତାହାଙ୍କ ନାମରେ ହୋଇଅଛନ୍ତି ।

64 ଆଜି ରାତି ଏହି ଭବନରେ ଅନେକ ସୁନ୍ଦର ମହିଳାମାନେ ଅଛନ୍ତି, ଭଲ, ବିଶ୍ୱସ୍ତ ମହିଳାମାନେ; କିନ୍ତୁ ସେଠାରେ ଜଣେ ଶ୍ରୀମତୀ ୱିଲିୟମ୍ ବ୍ରାନହାମ୍ ଅଛନ୍ତି । ସେହି ଜଣକ ମୋ ସହିତ ଘରକୁ ଯାଆନ୍ତି । ସେହି ଜଣକ ମୋର ପତ୍ନୀ ଅଟନ୍ତି ।

65 ଜଗତରେ ଭଲ ଲୋକମାନେ ଅଛନ୍ତି, ଭଲ ମଣ୍ଡଳୀ ଅଛନ୍ତି; ମାତ୍ର ସେଠାରେ ଜଣେ ଶ୍ରୀମତୀ ଯୀଶୁ ଖ୍ରୀଷ୍ଟ ଅଛନ୍ତି, ଏବଂ ସେ ହିଁ ଅଟେ ଯାହା ପାଇଁ ସେ ଆସୁଅଛନ୍ତି । ତାହା ହିଁ ଅଟେ ଯେଉଁଠାରେ ତାହାଙ୍କର ନାମ ରଖାଯାଇଛି । ସେହିଠାରେ ହିଁ ଅଟେ ଯେଉଁଠାରେ ତାହାଙ୍କର ଉପାସନା ଅଛି, ତାହାଠାରେ ଏବଂ କେବଳ ତାହାଠାରେ ଅଟେ । ତାହା ସତ୍ୟ ଅଟେ । ଓଃ, ହଁ, ଆଜ୍ଞା । ଆମେ ତାହା ସତ୍ୟ ବୋଲି ପାଉ ।

66 ତେବେ, ସେଇଥିପାଇଁ ଯେ, ଆମେ, "ଆମେ ଶବ୍ଦ ବା କାର୍ଯ୍ୟରେ ଯାହାକିଛି କରିଥାଉ, ଆମେ ତାହା ଯୀଶୁ ଖ୍ରୀଷ୍ଟଙ୍କ ନାମରେ କରିଥାଉ ।"

"ପରିତ୍ରାଣ ପାଇଁ ସ୍ୱର୍ଗ ତଳେ ଯୀଶୁ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ, ଅନ୍ୟ କୌଣସି ନାମ ଦିଆଯାଇ ନାହିଁ ।" ପ୍ରେରିତ, 2ୟ ପର୍ବ, କୁହେ ଯେ, "କାରଣ ଏହା ତୁମେ ଜାଣ..." "ସ୍ୱର୍ଗ ତଳେ ଅନ୍ୟ କୌଣସି ନାମ ଦିଆଯାଇ ନାହିଁ ଯାହାଦ୍ୱାରା ଜଣେ ବ୍ୟକ୍ତି ଉଦ୍ଧାର ହେବା ଆବଶ୍ୟକ, କେବଳ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ।" ଆମେନ୍ । ମୁଁ ଆଶା କରେ ଯେ ଆପଣ ଏହା ବୁଝୁଛନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ନାମ, ପ୍ରତ୍ୟେକ...

ସର୍ବୋପରି ସ୍ୱର୍ଗ ତାହାଙ୍କର ନାମରେ ନାମିତ ହୋଇଛି, "ସ୍ୱର୍ଗର ସମସ୍ତ ପରିବାର ଯୀଶୁଙ୍କ ନାମରେ ନାମିତ ହୋଇଛି," ବାଇବଲ କୁହେ, "ପୃଥିବୀରେ ସମସ୍ତ ପରିବାର ଯୀଶୁଙ୍କ ନାମରେ ନାମିତ ହୋଇଛି।" ତେଣୁ ତାହା ହେଉଛି ପରମେଶ୍ୱରଙ୍କ ମନୋନୀତ ନାମ ଏବଂ ଯେଉଁଠାରେ ସେ ତାକୁ ରଖିଛନ୍ତି। ତାହାହିଁ ହେଉଛି ତାହାଙ୍କର ଉପାସନାର ସ୍ଥାନ, ଯୀଶୁ ଖ୍ରୀଷ୍ଟଙ୍କଠାରେ। ତେବେ, ଆମେ ଜାଣୁ ଯେ ତାହା ସେହିପରି ଅଟେ, ତାହାଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସନାର ସ୍ଥାନ ନାହିଁ।

67 "ସ୍ୱର୍ଗ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ନାହିଁ, ଯାହାଦ୍ୱାରା ସେମାନେ ଉଦ୍ଧାର କରାଯିବା ଆବଶ୍ୟକ।" ତାହାଙ୍କର ହେଉଛି ପରମେଶ୍ୱରଙ୍କ ମୁକ୍ତିର ନାମ। ପରମେଶ୍ୱରଙ୍କ ଏକ ନାମ ଅଛି ଯିହୋବା-ଯିରୀ, ଯିହୋବା-ରାଫା। *ଯିହୋବା-ଯିରୀ,* "ସଦାପ୍ରଭୁ ତୁମ୍ଭର ସମସ୍ତ ପାପ କ୍ଷମା କରନ୍ତି।" *ଯିହୋବା-ରାଫା,* "ସଦାପ୍ରଭୁ ତୁମ୍ଭର ସମସ୍ତ ରୋଗକୁ ସୁସ୍ଥ କରନ୍ତି।" ତାହାଙ୍କର ଅନେକ ଉପାଧିମାନ ଥିଲା। କିନ୍ତୁ ତାହାଙ୍କର ମୁକ୍ତିର ଗୋଟିଏ ନାମ ଅଛି, ଯାହାକି ମାନବ ଜାତିର ଅଟେ, ଏବଂ ତାହା ହେଉଛି "ଯୀଶୁ" ନାମ। ତାହା ହେଉଛି ତାହାଙ୍କର ନାମ, ଯେଉଁଥିରେ ସେ ସ୍ଥାପନ କରିବାକୁ ମନୋନୀତ କଲେ। ସେ ଏହାକୁ କେଉଁଠାରେ ସ୍ଥାପନ କଲେ? ସେ ଏହାକୁ ଖ୍ରୀଷ୍ଟଙ୍କଠାରେ ସ୍ଥାପନ କଲେ।

68 ଅନ୍ୟ ସମସ୍ତ ମଣ୍ଡଳୀ ନାମ, ମତବାଦ, ଉପାଧିମାନ, ସେଗୁଡିକୁ ଭରସା କରିବା ମୃତ୍ୟୁ ଅଟେ। ଆପଣଙ୍କୁ ସ୍ୱର୍ଗକୁ ନେଇ ଯିବା ପାଇଁ ଆପଣ ମେଥୋଡିଷ୍ଟ ମଣ୍ଡଳୀ ଉପରେ ଭରସା କରୁଛନ୍ତି, ଆପଣ ବିନଷ୍ଟ ଅଟନ୍ତି। ଯଦି ଆପଣଙ୍କୁ ସ୍ୱର୍ଗକୁ ନେଇ ଯିବା ପାଇଁ ପେଣ୍ଟିକଷ୍ଟାଲ୍, ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ଉପରେ ଭରସା କରୁଛନ୍ତି, ଆପଣ ବିନଷ୍ଟ ଅଟନ୍ତି। ଏବଂ ବାପ୍ଟିଷ୍ଟ, ଲୁଥରାନ୍, ପ୍ରେସ୍‌ବିଟେରିଆନ୍, କ୍ୟାଥୋଲିକ୍, ଅନ୍ୟ ଯେକୌଣସି ମଣ୍ଡଳୀ; ଆପଣ ସେମାନଙ୍କର ନାମ, କିମ୍ବା ସେମାନଙ୍କର ଉପାଧି, କିମ୍ବା ସେମାନଙ୍କର ବିଶ୍ୱାସମତ ଉପରେ ଭରସା କରୁଛନ୍ତି, ଆପଣ ବିନଷ୍ଟ ଅଟନ୍ତି।

କାରଣ, ଆପଣ ପ୍ରଥମେ ଉପାସନାର ସ୍ଥାନକୁ ନ ଆସିବା ପର୍ଯ୍ୟନ୍ତ, ଆପଣ ଉପାସନା ସୁଦ୍ଧା କରିପାରନ୍ତି ନାହିଁ। ଆମେନ୍। ତାହାହିଁ କେବଳ ଏକମାତ୍ର ସ୍ଥାନ ଅଟେ ଯେଉଁଠାରେ ପରମେଶ୍ୱର ଉପାସକଙ୍କୁ ସାକ୍ଷାତ କରନ୍ତି, ସେହି ସ୍ଥାନ ଅଟେ ଯେଉଁଠାରେ ସେ ନିଜର ନାମକୁ ରଖିବା ପାଇଁ ମନୋନୀତ କରିଥିଲେ। ଅନ୍ୟ ସମସ୍ତ, ଆପଣ ସେଗୁଡିକ ଉପରେ ଭରସା କରିବେ, ଆପଣ ମରିଯିବେ। ସେ ମଧ୍ୟ...

69 ଏଠାରେ ଯୀଶୁଙ୍କର ଆଉ ଏକ ଛାୟା, ମୁଁ ଶାସ୍ତ୍ରରେ, ଚିହ୍ନିତ କରି ରଖିଛି। ଆହୁରି ମଧ୍ୟ, ସେ—ସେ ଏଠାରେ ପ୍ରତିଚିତ୍ରଣ କରିଥିଲେ, "ସେ ନିଶ୍ଚୟ ନିଖୁଣ ହେବା ଉଚିତ।" ଯେଉଁ ସ୍ଥାନରେ ସେ ତାହାଙ୍କର ନାମକୁ ସ୍ଥାପନ କରନ୍ତି, ଏହି ମେଷଶାବକ ନିଖୁଣ ହେବା ଆବଶ୍ୟକ।

ତେବେ, ଆପଣ କେଉଁ ନାମଧାରୀ ସଂସ୍ଥା କିମ୍ବା ସଂଗଠନ ସହିତ ଏହାକୁ ଗୁଣାରୋପ କରିପାରିବେ; କେଉଁ ମଣ୍ଡଳୀ, କ୍ୟାଥୋଲିକ୍, ପ୍ରୋଟେଷ୍ଟାଣ୍ଟ, ଯିହୁଦୀ, ଏହା ଯାହାକିଛି ବି

ହେଉ? କେଉଁ ସଂଗଠନ, ନାମଧାରୀ ସଂସ୍ଥା ପ୍ରତି, ଆପଣ ଏହାକୁ ଗୁଣାରୋପ କରିପାରିବେ, "ତାହା ଦୋଷରହିତ ନିଖୁଣ ଅଟେ"? ଏହା ସବୁ ତ ପ୍ରତ୍ୟାଖ୍ୟାନ, ଏବଂ ଅସ୍ୱୀକୃତ ଅଟେ!

କିନ୍ତୁ ସେଠାରେ ଏକ ସ୍ଥାନ ଅଛି! ହାଲ୍ଲେଲୁୟା! ସେହି ସ୍ଥାନ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅଛି। ତାହାଙ୍କ ଉପରେ କୌଣସି ଦାଗ ନାହିଁ। ତାହାଙ୍କଠାରେ କୌଣସି ଦୋଷ ନାହିଁ।

ଆପଣ ଏହାକୁ ଗୁଣାରୋପ କରି ଘେରିପାରନ୍ତି ନାହିଁ। ଏହି ସମସ୍ତ ଲୋକ, ଯେଉଁମାନେକି ଏପରି କରିବାକୁ ଚେଷ୍ଟା କରନ୍ତି, କୁହନ୍ତି ଯେ ସେମାନଙ୍କର ମଣ୍ଡଳୀ ଦୋଷରହିତ ଅଟେ ଏବଂ *ଏସବୁ* ଅଟେ। ଏହା ଅପରିଷ୍କାର, ବାକ୍ୟ-ଉଲ୍ଲଂଘନକାରୀ, ପ୍ରେମୀ, ଅଧା ମୃତ, ଲାଅଦିକୀୟ, ମତବାଦ ଅଟେ, କିନ୍ତୁ ଏହା ସତ୍ୟ ନୁହେଁ। କିନ୍ତୁ ଏପରିକି ପୀଲାତ ନିଜେ, ତାହାଙ୍କର ଶତ୍ରୁ ମଧ୍ୟ, କହିଲେ, "ମୁଁ ତାହାଠାରେ କୌଣସି ଦୋଷ ପାଏ ନାହିଁ।" ତାହାଙ୍କର ନିଜର ଶତ୍ରୁ ସେଠାରେ ସାକ୍ଷ୍ୟ ଦେଲେ ଯେ ତାହାଠାରେ କୌଣସି ଦୋଷ ନାହିଁ। ଆପଣ ତାହାଙ୍କ ଉପରେ କୌଣସି ପାପର ଦୋଷାରୋପ କରିପାରନ୍ତି ନାହିଁ।

70 ସେ ତାହାଙ୍କ ସମୟର ଯାଜକମାନଙ୍କୁ କହିଲେ, "ତୁମମାନଙ୍କ ମଧ୍ୟରୁ କିଏ ମୋ ଉପରେ ପାପର ଦୋଷାରୋପ କରିପାରିବ? କିଏ ମୋତେ ଦେଖାଇ ପାରିବ ଯେ ମୁଁ ଜଣେ ପାପୀ ଅଟେ?"

ମୋତେ ଗୋଟିଏ ମଣ୍ଡଳୀ କୁହନ୍ତୁ ଯିଏକି ଏହା କହିପାରେ ଯେ ସେମାନେ କେବେ କୌଣସି ଭୁଲ୍ କରିନାହାଁନ୍ତି। ସତ କହିବାକୁ ଗଲେ, ସେମାନଙ୍କ ମଧ୍ୟରୁ କେହି ହେଲେ ନାହାଁନ୍ତି, କ୍ୱଚିତ୍ ହିଁ, ମାତ୍ର ଯିଏକି ହତ୍ୟା କରିଅଛି ଏବଂ ସେଠାରେ କ୍ୟାଲେଣ୍ଡରରେ କରିବାକୁ ଥିବା ସମସ୍ତ କିଛି ବିଷୟ କରିଅଛି, ବଡ଼ କଷ୍ଟରେ ପାଇବେ। ତାହାପରେ ମଧ୍ୟ ନିଜକୁ ଡାକିଥାଏ...ତେଣୁ ଏହା କୌଣସି ଧର୍ମମତ କିମ୍ୱା ନାମଧାରୀ ସଂସ୍ଥାରେ, ପରମେଶ୍ୱରଙ୍କ ଉପାସନାର ସାକ୍ଷାତ ସ୍ଥାନ ନୁହେଁ।

71 ମୋର ବନ୍ଧୁଗଣ, ମୁଁ ଭାବନାକୁ ଆଘାତ କରିବାକୁ ଚାହେଁ ନାହିଁ, କିନ୍ତୁ ମୁଁ ଏକ ବାର୍ତ୍ତା ପାଇଁ ଦାୟୀ ଅଟେ, ଏବଂ, ସେହି ବାର୍ତ୍ତା ହେଉଛି, "ଏହି ବିଶୃଙ୍ଖଳାରୁ ବାହାରି ଆସ!" ଏବଂ ଯଦି ମୁଁ ଆପଣମାନଙ୍କୁ ବାହାରି ଆସିବାକୁ କୁହେ, ତେବେ ମୁଁ ଆପଣମାନଙ୍କୁ କେଉଁଠାକୁ ନେଇକି ଯିବାକୁ ଯାଉଅଛି? କଅଣ ମୁଁ ଆପଣମାନଙ୍କୁ ବ୍ରାନହାମ୍ ଟେବର୍ନେକଲ୍‌କୁ ନେଇକରି ଯିବି କି? ତାହା ତ ଅନ୍ୟ କୌଣସି ପରି ସେତିକି ଦୋଷୀ ଅଟେ।

କିନ୍ତୁ ଗୋଟିଏ ସ୍ଥାନ ଅଛି ଯେଉଁଠାକୁ ମୁଁ ଆପଣଙ୍କୁ ନେଇ ଯାଇପାରେ, ଯେଉଁଠାରେ ଆପଣ ନିରାପଦ ଏବଂ ମୃତ୍ୟୁରୁ ସୁରକ୍ଷିତ ଅଟନ୍ତି, ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କଠାରେ, ଯାହାକି ପରମେଶ୍ୱରଙ୍କ ଉପାସନାର ସ୍ଥାନ ଅଟେ। ତାହା ହିଁ ସେହି ସ୍ଥାନ ଅଟେ ଯାହାକି ମୁଁ ଆଜି ରାତି, ଆପଣଙ୍କଠାରେ ପରିଚୟ କରାଉଅଛି, ଯେଉଁଠାରେ ପରମେଶ୍ୱର ତାହାଙ୍କର ନାମକୁ ସ୍ଥାପନ କରନ୍ତି। ଯେଉଁଠାରେ ସେ ପ୍ରତିଜ୍ଞା କରିଥିଲେ ଯେ ସେଠାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ

ଭେଟିବେ, ସେ ତାଙ୍କ ସହିତ ଉପାସନା କରିବେ ଏବଂ ତାଙ୍କ ସହିତ ଭୋଜନ କରିବେ, ଯାହାକି ଖ୍ରୀଷ୍ଟଙ୍କଠାରେ ଅଟେ; କୌଣସି ମଣ୍ଡଳୀରେ ନୁହେଁ କିମ୍ବା କୌଣସି ଆରାଧନାଳୟରେ ନୁହେଁ।

କିନ୍ତୁ, ଖ୍ରୀଷ୍ଟଙ୍କଠାରେ, ସେ ପରମେଶ୍ୱରଙ୍କ ଆରାଧନାଳୟ ଅଟେ। ସେ ସେହି ସ୍ଥାନ ଅଟନ୍ତି ଯେଉଁଠାରେ ପରମେଶ୍ୱର, ନିଜେ ଆସିଥିଲେ, ଏବଂ ତାହାଙ୍କଠାରେ ବାସ କରିଥିଲେ। "ଏହା ମୋର ପ୍ରିୟ ପୁତ୍ର, ଯାହାଙ୍କଠାରେ ମୁଁ ବାସ କରିବାକୁ ଅତି ପ୍ରସନ୍ନ।" ତାହା ସେହି ସ୍ଥାନ ଅଟେ ଯେଉଁଠାରେ ପରମେଶ୍ୱର ତମ୍ବୁ କରି ବାସ କରିଥିଲେ, ତାହାଙ୍କର ନାମକୁ ନେଇକରି ଆସିଲେ ଏବଂ ଯୀଶୁ ଖ୍ରୀଷ୍ଟଙ୍କ, ଉପରେ ସ୍ଥାପନ କଲେ। ଅତଏବ, ତାହାଙ୍କର ନାମ ଜଣେ ମନୁଷ୍ୟ, ତାହାଙ୍କର ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କଠାରେ, ଯେଉଁଠାରେ ସେ ନିଜକୁ ବାସ କରାଇଥିଲେ, ଏବଂ ସେହି ତମ୍ବୁରେ ରଖା ଯାଇଥିଲା।

ଯେଉଁଠାରେ, ଏକ ପ୍ରତିଚିତ୍ରଣରେ, ସେହି ପୁରାତନ ଯିରୁଶାଲମ, ସେହି ପୁରାତନ ପର୍ବମାନ, ପୁରାତନ ମନ୍ଦିର, ଏକ ପ୍ରତିରୂପ ଥିଲା; ଯେତେବେଳେ ସେହି ଦିନ ନିୟମର, ସିଂଦୁକ ଭିତରକୁ ଅଣାଗଲା, ଧୂମ ତଳକୁ ଓହ୍ଲାଇ ଆସିଲା ଓ ଆଚ୍ଛାଦନ କରିଥିଲା, ଏବଂ ଏଥିରୁ ପରମେଶ୍ୱରଙ୍କ ସ୍ୱର ଶୁଣାଗଲା।

ଠିକ ସେହିପରି ଏହି ତମ୍ବୁ, ଯୀଶୁ ଖ୍ରୀଷ୍ଟଙ୍କ ଭିତରକୁ ଆସିବାବେଳେ, ପରମେଶ୍ୱରଙ୍କ ସ୍ୱର ଶୁଣାଯାଏ; ଯାହାକି, ସେହି ପୁରାତନ (ପ୍ରାକୃତିକ) ଏକ ପ୍ରତିରୂପ ଥିଲା ଏବଂ ନୂତନର ଛାୟା ଥିଲା। ଏବଂ ଯେତେବେଳେ ସେ ଖ୍ରୀଷ୍ଟଙ୍କ ଭିତରକୁ ଆସିଲେ, ସେ କହିଲେ, "ଏହା ମୋର ପ୍ରିୟ ପୁତ୍ର, ଯାହାଙ୍କଠାରେ ବାସ କରିବାକୁ ମୁଁ ପ୍ରସନ୍ନ। ଏବଂ ମୁଁ ସେହି ସ୍ଥାନ ବାଛିବି ଯେଉଁଠାରେ ମୁଁ ମୋର ନାମକୁ ସ୍ଥାପନ କରିବି, ଆଉ ମୁଁ ଯେଉଁଠାରେ ମନୁଷ୍ୟକୁ ସାକ୍ଷାତ କରିବି, ପୁଣି ମୁଁ ଯେଉଁଠାରେ ଉପାସନା କରିବି।" ପରମେଶ୍ୱର ସେହି ସ୍ଥାନକୁ ମନୋନୀତ କଲେ; କୌଣସି ନାମଧାରୀ ସଂସ୍ଥାରେ ନୁହେଁ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କଠାରେ। ହଁ, ଆଜ୍ଞା।

72 ସେ ମଧ୍ୟ ନିଶ୍ଚୟ "ବିନା ଦୋଷର" ହେବା ଉଚିତ୍, ଯେପରି ମୁଁ କହିଲି। କୌଣସି ନାମଧାରୀ ସଂସ୍ଥା ଏହା ଦାବି କରିପାରେ ନାହିଁ। ସେମାନେ କରନ୍ତି; ସେମାନେ ଖ୍ରୀଷ୍ଟବିରୋଧୀ ଅଟନ୍ତି।

73 ତେବେ ଆମେ ଏଠାରେ ପାଉ, ପୁଣିଥରେ ତାହାଙ୍କର ଛାୟାକୁ ଧ୍ୟାନ ଦିଅନ୍ତୁ। ସେହି—ସେହି ମେଷଶାବକକୁ ରଖାଯିବାକୁ ଅଛି। ବର୍ତ୍ତମାନ, ଏହା ଯାତ୍ରାପୁସ୍ତକ 12 ରେ ମିଳେ, ଯଦି ଆପଣ ଏହାକୁ ଲେଖୁଛନ୍ତି, ଯାତ୍ରାପୁସ୍ତକ 12:3 ରୁ 6। ମେଷଶାବକକୁ ଚାରି ଦିନ ରଖାଯିବା ଆବଶ୍ୟକ ଥିଲା, ପରୀକ୍ଷା କରାଯିବା ନିମନ୍ତେ, ଏହା ଦେଖିବା ପାଇଁ ଯେ ତାହା ଏପର୍ଯ୍ୟନ୍ତ ବଳିଦାନ କରାଯିବା ହେତୁ ଯୋଗ୍ୟ କି ନୁହେଁ। ନିଶ୍ଚିତ ଭାବରେ ନିଆ ଯାଇ, ଚାରି ଦିନ ପର୍ଯ୍ୟନ୍ତ, ଏହାକୁ ବାରମ୍ବାର ନିରୀକ୍ଷଣ କରାଯିବା ଆବଶ୍ୟକ, ଏହା ଦେଖିବା ପାଇଁ ଯେ ସେଥିରେ କିଛି ଦୋଷ ନାହିଁ ତ, ଏହା ଦେଖିବା ପାଇଁ ଯେ ସେଥିରେ କିଛି ରୋଗ ନାହିଁ ତ, ଏହା ଦେଖିବା ପାଇଁ ଯେ ସେଥିରେ କିଛି ଭୁଲ୍ ନାହିଁ ତ। ଏହାକୁ ଚାରି ଦିନ ରଖାଯିବା ଆବଶ୍ୟକ ଅଟେ।

74 ତେବେ ଧ୍ୟାନ ଦିଅନ୍ତୁ । ଆପଣମାନଙ୍କ ମଧ୍ୟରୁ କେତେକ ହୁଏତ ଭାବିଥିବେ ଯେ ଏହା ଏକ ଛୋଟ ବିଷୟ ଅଟେ, ଚତୁର୍ଦ୍ଦଶ ଦିନରେ ବଧ କରାଯାଇଥିଲା । କିନ୍ତୁ, ଆପଣ ସ୍ମରଣ କରନ୍ତୁ, ସେମାନେ ମାସର ଦଶମ ଦିନରେ ମେଷଶାବକକୁ ନେଇଥିଲେ, ଏବଂ ମାସର ଚତୁର୍ଦ୍ଦଶ ଦିନରେ ବଧ କରିଥିଲେ, ଦେଖନ୍ତୁ, ଯାହାକି ଚାରି ଦିନ ପର୍ଯ୍ୟନ୍ତ ରଖାଯାଇଥିଲା ।

75 ବର୍ତ୍ତମାନ, ଯୀଶୁ, ପରମେଶ୍ୱରଙ୍କ ନାମ, ମେଷଶାବକ, ଯିରୁଶାଲମକୁ ଗଲେ ଏବଂ ସେପର୍ଯ୍ୟନ୍ତ ପୁନର୍ବାର ବାହାରି ଆସିଲେ ନାହିଁ ଯେପର୍ଯ୍ୟନ୍ତକି ତାହାଙ୍କର ମୃତ୍ୟୁ, ସମାଧି ଓ ପୁନରୁତ୍ଥାନ ହେଲା ନାହିଁ । ତାହାଙ୍କୁ ଚାରି ଦିନ ଏବଂ ଚାରି ରାତି ସମାଲୋଚକମାନଙ୍କ ଅଧୀନରେ ରଖାଗଲା । କେତେ ସିଦ୍ଧ ଭାବରେ ସେହି ମେଷଶାବକକୁ ପ୍ରତିଚିତ୍ରଣ କରାଯାଇଥିଲା, ଚାରି ଦିନ ପର୍ଯ୍ୟନ୍ତ ରଖାଯାଇଥିଲା । ସେତେବେଳେ ପୀଲାତ କହିଥିଲେ, "ମୁଁ ତାଙ୍କଠାରେ କୌଣସି ଦୋଷ ପାଇପାରେ ନାହିଁ ।"

76 ତାହାଙ୍କର ଅନ୍ୟ ଏକ ଛାୟା ହେଲା, ତାଙ୍କର କୌଣସି ଅସ୍ଥି ଭଙ୍ଗା ଯାଇପାରିଲା ନାହିଁ, ଯାହାକି ସମ୍ପୂର୍ଣ୍ଣ ରୂପେ ସିଦ୍ଧ ଥିଲା, ଯେତେବେଳେ ସେମାନେ ପାରି ନ ଥିଲେ । ବଳିଦାନ କରିବାବେଳେ, ସେମାନେ ଗୋଟିଏ ହେଲେ ଅସ୍ଥି ଭାଙ୍ଗି ପାରନ୍ତି ନାହିଁ । ଯଦି ତାହା ହୋଇଥାନ୍ତା, ତାହା ପ୍ରତ୍ୟାଖ୍ୟାନ କରାଯାଇଥାନ୍ତା । ଏବଂ ସେମାନେ ଖ୍ରୀଷ୍ଟଙ୍କ ଗୋଡରେ ଥିବା ଅସ୍ଥିକୁ ଭାଙ୍ଗିବା ହେତୁ ହାତୁଡ଼ିକୁ ଉଠାଇ ନେଇଥିଲେ, ଯେତେବେଳେ ସେମାନେ କହିଥିଲେ, "ସେ ତ ମରି ଯାଇଛନ୍ତି ।" ସେମାନେ ତାଙ୍କ ପାର୍ଶ୍ୱକୁ ବିଦ୍ଧ କଲେ ଏବଂ ରକ୍ତ ଓ ଜଳ ପାଇଲେ ।

77 ଏଠାରେ ପୁଣିଥରେ ଆଉ ଏକ ମହତ୍ ବିଷୟ ଧ୍ୟାନ ଦିଅନ୍ତୁ । ମୁଁ ଏହାକୁ ଏଡ଼ାଇ ଦେବି ନାହିଁ, କାରଣ ସେ ନୈବେଦ୍ୟରେ, ଭକ୍ଷ ନୈବେଦ୍ୟରେ ପ୍ରତିଚିତ୍ରିତ ହୋଇଥିଲେ ।

ମୋର ମନେ ପଡ଼େ, ବାଇବଲରେ, ଥରେ ସେମାନଙ୍କର ଏକ ବିଦ୍ୟାଳୟ ଥିଲା, ଭବିଷ୍ୟଦ୍‌ବକ୍ତାଙ୍କ ବିଦ୍ୟାଳୟ ନାମରେ, ଏବଂ ତାହା ଏକ ଅତ୍ୟୁଚ୍ଚ ନାମବିଶିଷ୍ଟ ବିଦ୍ୟାଳୟ ଥିଲା । ଏବଂ ଆମେ ପାଉ ଯେ ଏଲିୟ ଦିନେ ସେହି ବିଦ୍ୟାଳୟକୁ ଯାଇଥିଲେ, ଏବଂ ସେମାନେ କହିଲେ, "ଆମେ..." ସେମାନେ ତାଙ୍କୁ ଚାଲିଯିବାକୁ ନିବେଦନ କରି, କହିଲେ, "ଯେତେବେଳେ ଆପଣ ଏଠାରେ ଆଖପାଖରେ ଥାଆନ୍ତି, ଜିନିଷଗୁଡିକ ଅତି ସଳଖ ସିଧା ହୋଇଥାଏ ।" ତେଣୁ ସେମାନେ ଚାହୁଁଥିଲେ ଯେ ସେ ଚାଲିଯାଆନ୍ତୁ ।

ଆଉ ସେମାନେ ତାଙ୍କ ପାଇଁ ରାତ୍ରି ଭୋଜନ ଆଣିବା ପାଇଁ ବାହାରକୁ ଗଲେ । ଏବଂ ଯାଜକମାନଙ୍କର, କିମ୍ବା ଭବିଷ୍ୟଦ୍‌ବକ୍ତାମାନଙ୍କର ଏକ ଦଳ ବାହାରକୁ, କିଛି ମଟର ଆଣିବାକୁ ଗଲେ, ଯେପରିକି ତାଙ୍କ ପାଇଁ ରାତ୍ରି ଭୋଜନ ପ୍ରସ୍ତୁତ କରାଯାଏ । ଏବଂ ଯେତେବେଳେ ସେମାନେ ତାହା କଲେ, ସେମାନେ ଅଣ୍ଟିରେ ପରିପୂର୍ଣ୍ଣ ଏକ ବଡ଼ ପରିମାଣରେ ସଂଗ୍ରହ କଲେ; ଆଉ ଯେତେବେଳେ ସେମାନେ ଫେରି ଆସିଲେ, ତାହା ବନ୍ୟା ଲତାର ଫଳ ଥିଲା, ଯାହା ବିଷାକ୍ତ ଥିଲା, ଏବଂ ସେମାନେ ତାକୁ ହଣ୍ଡାରେ ବସାଇ ଦେଲେ । ଏବଂ ହଣ୍ଡା ଫୁଟିବା ଆରମ୍ଭ

କଲା, ଏବଂ ସେମାନେ, କେହି ଜଣେ କହିଲା, "ହାୟ, ହଣ୍ଡାରେ ତ ମୃତ୍ୟୁ ଅଛି । ବର୍ତ୍ତମାନ ଆମେ ଭୋଜନ କରି ନ ପାରୁ ।"

ତେବେ ଏଲିୟ କହିଲେ, "ମୋତେ ମୁଠାଏ ମଇଦା ଆଣ ।" ଏବଂ ସେ ମଇଦା ନେଇ ତାହା ହଣ୍ଡାରେ ପକାଇ ଦେଇ, କହିଲେ, "ଭୋଜନ କର । ହଣ୍ଡାରେ କିଛି ମନ୍ଦ ନାହିଁ ।"

78 ସେହି ଭକ୍ଷ ନୈବେଦ୍ୟ ଖ୍ରୀଷ୍ଟ ଥିଲେ । ଭକ୍ଷ ନୈବେଦ୍ୟ ନିମନ୍ତେ, ପ୍ରତ୍ୟେକ ଦାନାକୁ ସମାନ ଭାବରେ ରଖାଯିବାକୁ ଥିଲା, ଏବଂ ଭକ୍ଷର ପ୍ରତ୍ୟେକ ଅଂଶକୁ ସମାନ ଭାବରେ ଗୁଣ୍ଡ କରାଯିବାକୁ ଥିଲା । ଏହା ଦର୍ଶାଉଥିଲା ଯେ ସେ ହେଉଛନ୍ତି ଆରୋଗ୍ୟଦାତା । ସେ ପରିବର୍ତ୍ତନ କରନ୍ତି, ଏବଂ ମୃତ୍ୟୁକୁ ନେଇଯାଆନ୍ତି, ଓ ଜୀବନକୁ ଦିଅନ୍ତି; ଦୁଇଟି ନିୟମ ଦ୍ୱାରା । ହାଲ୍ଲେଲୁୟା! ଗୋଟିଏ ସ୍ଥାନରେ, ଯେଉଁଠାରେ ମୃତ୍ୟୁ ଅଛି; ଯେତେବେଳେ ଖ୍ରୀଷ୍ଟ ଆସନ୍ତି, ଜୀବନ ଆସିଥାଏ । ସେ ଗତକାଲି, ଆଜି ଏବଂ ଚିରକାଳ ସମାନ ଅଟନ୍ତି । ଏବଂ ଯେଉଁଠାରେ ମୃତ୍ୟୁ ଥିଲା, ସେଠାରେ ଜୀବନ ହୋଇଗଲା, କାରଣ ସେହି ଭକ୍ଷ ନୈବେଦ୍ୟରେ, ଖ୍ରୀଷ୍ଟଙ୍କୁ ଅଣାଯାଇଥିଲା ।

79 ଏହି ବିଷୟଗୁଡିକ କେତେ ଭଲ ଶିକ୍ଷା ହେବ ଯଦି ଆମେ ସେଗୁଡିକୁ ବୁଝିବା ପାଇଁ ସମୟ ନେବା! ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଛାୟାର ଗୋଟିଏ ହେଲେ ଶବ୍ଦ ବିଫଳ ହୁଏ ନାହିଁ । ଛାୟାର ଗୋଟିଏ ଶବ୍ଦ କେବେ ବିଫଳ ହୋଇନାହିଁ । ସବୁକିଛି ସିଦ୍ଧ ରୂପେ ପ୍ରତିଚିତ୍ରିତ ହୋଇଥିଲା ।

ସେ ପରମେଶ୍ୱରଙ୍କ ମନୋନୀତ ଉପାସନାର ସ୍ଥାନ, ଏବଂ ପରମେଶ୍ୱରଙ୍କ ନାମ ତାହାଙ୍କୁ ଦିଆଯାଇଛି । ସେ ପରମେଶ୍ୱରଙ୍କ ଉପାସନା ସ୍ଥାନ ଅଟନ୍ତି, ଏବଂ ପରମେଶ୍ୱରଙ୍କ ନାମ ତାହାଙ୍କୁ ଦିଆଯାଇଛି । ସେ ପରମେଶ୍ୱରଙ୍କ ବାକ୍ୟ, ଏବଂ ସେ ପରମେଶ୍ୱରଙ୍କ ନାମ ଅଟନ୍ତି । ସେ ଉଭୟ ପରମେଶ୍ୱରଙ୍କ ବାକ୍ୟ ଏବଂ ପରମେଶ୍ୱରଙ୍କ ନାମ । "ସେ ହିଁ ବାକ୍ୟ ଦେହବନ୍ତ ହୋଇଥିଲେ ।" ସେ ପରମେଶ୍ୱରଙ୍କ ବାକ୍ୟ, ପରମେଶ୍ୱରଙ୍କ ମେଷଶାବକ, ପରମେଶ୍ୱରଙ୍କ ନାମ, ଏବଂ ପରମେଶ୍ୱର ଥିଲେ । ତାହା ହିଁ ଥିଲା ଯାହା କି ସେ ଥିଲେ, ପରମେଶ୍ୱରଙ୍କ ଉପାସନା ନିମନ୍ତେ ମନୋନୀତ ଏବଂ ଏକମାତ୍ର ସ୍ଥାନ ।

80 ଏବଂ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ ପରମେଶ୍ୱର ପ୍ରତ୍ୟାଖାନ କରନ୍ତି; ଆପଣ ତାହାଙ୍କୁ ଯେକୌଣସି ସ୍ଥାନରେ ଉପାସନା କରିପାରନ୍ତି ନାହିଁ । ସେ କହିଲେ, "ବୃଥାରେ ସେମାନେ ମୋର ଉପାସନା କରନ୍ତି, ମନୁଷ୍ୟର ଆଦେଶଗୁଡ଼ିକୁ ସିଦ୍ଧାନ୍ତ କରି ଶିକ୍ଷା ଦିଅନ୍ତି ।" ଆଜି ଆମର ବିଶ୍ୱାସମତ, ମତବାଦ, ଏବଂ ସବୁକିଛି ଅଛି, ଯାହାକି ଶିକ୍ଷା ଦିଏ ଯେ *ଏହା* ପଥ ଅଟେ ଏବଂ *ତାହା* ପଥ ଅଟେ ।

ଆଉ ଯୀଶୁ କହିଲେ, "ମୁଁ ପଥ, ସତ୍ୟ, ଓ ଜୀବନ, ଏବଂ ମୋ ଦେଇ ନ ଆସିଲେ କୌଣସି ମନୁଷ୍ୟ ପରମେଶ୍ୱରଙ୍କ ନିକଟକୁ ଆସିପାରେ ନାହିଁ ।" ଅନ୍ୟ ଶବ୍ଦରେ କହିବାକୁ ଗଲେ, "ମୁଁ ମେଷପଲର ଦ୍ୱାର ଅଟେ । ମୋ ବ୍ୟତୀତ ଅନ୍ୟ ସମସ୍ତେ ଚୋର ଅଟନ୍ତି ।" ସେ ହିଁ ହେଉଛନ୍ତି

ଏକମାତ୍ର ପନ୍ଥା । ସେ ହେଉଛନ୍ତି ଦ୍ୱାର । ସେହିଁ ପଥ, ସତ୍ୟ, ଜୀବନ, ସବୁକିଛି ଯାହା ସେଠାରେ ଅଛି; ଏକମାତ୍ର ପ୍ରବେଶ ଦ୍ୱାର, ଏକମାତ୍ର ସ୍ଥାନ, ଏକମାତ୍ର ଉପାସନା, ଏକମାତ୍ର ନାମ ।

ସବୁକିଛି ଯୀଶୁ ଖ୍ରୀଷ୍ଟଙ୍କ ସହିତ ଜଡ଼ିତ ଅଟେ । ସମସ୍ତ ପୁରାତନ ନିୟମ ତାହାଙ୍କ ସହିତ ଜଡ଼ିତ ଅଟେ । ନୂତନ ନିୟମ ତାହାଙ୍କ ସହିତ ଜଡ଼ିତ ଅଟେ । ଏବଂ ମଣ୍ଡଳୀ ଆଜି ତାହାଙ୍କ ଆଦେଶର ବାକ୍ୟ ଦ୍ୱାରା, ତାହାଙ୍କ ସହିତ ଜଡ଼ିତ ଅଟେ । ଅନ୍ୟ କୌଣସି ସ୍ଥାନ ନାହିଁ, କିମ୍ବା ଅନ୍ୟ କୌଣସି ନାମ ନାହିଁ, କିମ୍ବା ଅନ୍ୟ କୌଣସି ସ୍ଥାନରେ ନୁହେଁ, ଯେଉଁଠାରେକି ପରମେଶ୍ୱର କେବେ ଜଣେ ବ୍ୟକ୍ତିଙ୍କୁ ଭେଟିବାକୁ ପ୍ରତିଜ୍ଞା କରିଥିଲେ; କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ, ତାହାଙ୍କର ମନୋନୀତ ଉପାସନାର ସ୍ଥାନରେ ।

81 ଧ୍ୟାନ ଦିଅନ୍ତୁ, ପରମେଶ୍ୱର ତାହାଙ୍କର ଉପାସକମାନଙ୍କୁ କେବଳ ଏହି ଗୋଟିଏ ସ୍ଥାନରେ ଭେଟିବାକୁ ପ୍ରତିଜ୍ଞା କରିଛନ୍ତି, ଏବଂ ତାହା ତାହାଙ୍କର ନିଜ ପସନ୍ଦର ଅଟେ; ଆମର ପସନ୍ଦର ନୁହେଁ, ଆମର ଚିନ୍ତାଧାରାର ନୁହେଁ; କିନ୍ତୁ ତାହାଙ୍କର ଚିନ୍ତାଧାରା, ତାହାଙ୍କର ମନୋନୟନର ଅଟେ । ଏବଂ ତାହା ସେହି ସ୍ଥାନ ହେବ ଯେଉଁଠାରେ ସେ ତାହାଙ୍କର ନାମକୁ ସ୍ଥାପନ କରିଥିଲେ, ଯେଉଁଠାରେ ସେ ମନୋନୀତ କରିଥିଲେ । ତେଣୁ ଆମେ ପାଉ ଯେ ଆମେ ତାହା ଖୋଜୁ ଯେ ତାହାଙ୍କର ନାମ କେଉଁଠାରେ ଥିଲା, ତାଙ୍କର ନିଜ ପସନ୍ଦ ଅନୁଯାୟୀ, ସେ କଅଣ ମନୋନୀତ କରିଥିଲେ ।

82 ବର୍ତ୍ତମାନ ଯେ ଆମେ ସେହି ସ୍ଥାନକୁ ପାଇଅଛୁ ଯେଉଁଠାରେକି ସେ ତାହାଙ୍କର ନାମକୁ ରଖିଥିଲେ, ଅର୍ଥାତ୍, ଖ୍ରୀଷ୍ଟ ଯୀଶୁଙ୍କଠାରେ, ଏବଂ ଅନ୍ୟ କୌଣସି ସ୍ଥାନ ନାହିଁ, କିମ୍ବା ଅନ୍ୟ କୌଣସି ନାମ ନାହିଁ, କଅଣ ଆପଣ ଏଥିରେ ସନ୍ତୁଷ୍ଟ ଅଟନ୍ତି କି? କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ତେବେ, ଏହାର ମୂଳ ବିଷୟ ହେଉଛି, ଯଦି ଆମେ ତାହା ପାଇଛୁ ଯେ ସେହି ସ୍ଥାନଟି କେଉଁଠାରେ ଅଛି…ଉପାସନାର ସ୍ଥାନ ଅନ୍ୟ କୌଣସିଟି ଗ୍ରହଣୀୟ ନୁହେଁ, କେବଳ ଖ୍ରୀଷ୍ଟଙ୍କଠାରେ ।

ଆପଣ ଅନୁତାପ କରିପାରନ୍ତି, ଆପଣ ତାହା କରିପାରନ୍ତି, କିନ୍ତୁ ଆପଣ ଏଯାଏଁ ଉପାସନା କରୁନାହାଁନ୍ତି । ଆପଣ କ୍ଷମା ଯାଚନା କରୁଛନ୍ତି । ପିତର କହିଲେ…

ପେଣ୍ଟିକଷ୍ଟ ଦିନରେ, ଯେତେବେଳେ ସେମାନେ ସମସ୍ତଙ୍କୁ ପରଭାଷାରେ କଥାବାର୍ତ୍ତା କରୁଥିବାର ଦେଖିଲେ, ଏବଂ ବଡ଼ ଚିହ୍ନ ଓ ଚମତ୍କାରମନ ଘଟୁଥିବାର ଦେଖିଲେ, ସେମାନେ ହସିବାକୁ ଲାଗିଲେ, ମଣ୍ଡଳୀ ତାହା କରିଥିଲା, ଏବଂ କହିଥିଲା, "ଏହି ଲୋକମାନେ ନୂତନ ଦ୍ରାକ୍ଷାରସରେ ମାତାଲ ଅଟନ୍ତି । ସେମାନେ ମଦ୍ୟପ ଲୋକମାନଙ୍କ ପରି ଆଚରଣ କରୁଛନ୍ତି । ସେହି…" କୁମାରୀ ମରିୟମ, ସେମାନେ ସମସ୍ତେ, ଏକତ୍ରିତ ଥିଲେ, ସେମାନେ ଶହେ କୋଡ଼ିଏ ଜଣ ଥିଲେ । ଏବଂ ସେମାନେ ମଦ୍ୟପ ଲୋକମାନଙ୍କ ପରି ଟଳମଳ ହେଉଥିଲେ, ଏବଂ ପରଭାଷାରେ କଥାବାର୍ତ୍ତା କରୁଥିଲେ, ଓ ବିଭିନ୍ନ ବିଷୟ କରୁଥିଲେ । ସେମାନେ କହିଲେ, "ଏହି ଲୋକମାନେ ନୂତନ ଦ୍ରାକ୍ଷାରସରେ ମାତାଲ ଅଟନ୍ତି ।"

83 ମାତ୍ର ପିତର, ଛିଡ଼ା ହୋଇ, କହିଲେ, "ପୁରୁଷ ଓ ଭାଇମାନେ, ଏହି ଲୋକମାନେ ନୂତନ ଦ୍ରାକ୍ଷାରସରେ ମାତାଲ ନୁହଁନ୍ତି, ଯେଣୁ ବର୍ତ୍ତମାନ ସମୟ ଦିନର ତୃତୀୟ ଘଣ୍ଟା ମାତ୍ର ଅଟେ । କିନ୍ତୁ ଯୋୟେଲ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଯାହା ଉକ୍ତ ଅଛି, ଏ ସେହି ଘଟଣା, 'ପରମେଶ୍ୱର କୁହନ୍ତି ଶେଷ କାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା; ସେଥିରେ ତୁମ୍ଭମାନଙ୍କର ପୁତ୍ର ଓ କନ୍ୟାମାନେ ଭବିଷ୍ୟଦ୍‌ବାଣୀ କରିବେ; ଆମ୍ଭେ ନିଜର ଦାସଦାସୀମାନଙ୍କ ଉପରେ ଆପଣା ଆତ୍ମା ବୃଷ୍ଟି କରିବା । ଆମ୍ଭେ ଊର୍ଦ୍ଧ୍ୱସ୍ଥ ଆକାଶରେ ଅଦ୍ଭୁତ କର୍ମ, ପୁଣି ଅଧଃସ୍ଥ ପୃଥିବୀରେ ନାନା ଲକ୍ଷଣ; ଅଗ୍ନି, ଅଗ୍ନି ସ୍ତମ୍ଭ, ଓ ନିବିଡ଼ ଧୂମ ଦେଖାଇବା । ପ୍ରଭୁଙ୍କର ମହତ୍ ଓ ଭୟଙ୍କର ଦିନର ଆଗମନ ପୂର୍ବରେ, ଏପରି ଘଟିବ ଯେ, ଯେକେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ ସେ ପରିତ୍ରାଣ ପାଇବ ।'"

84 ଏହି କଥା ଶୁଣି, ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, ଓ ସେମାନେ କହିଲେ, "ପୁରୁଷ ଓ ଭାଇମାନେ, ଆମ୍ଭେମାନେ କଅଣ କରିପାରିବା?"

85 ପିତର କହିଲେ, "ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ, ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ସମସ୍ତ ଭବିଷ୍ୟତ ପୀଢ଼ୀ ନିମନ୍ତେ ଅଟେ ।" ବର୍ତ୍ତମାନ ଆମେ ତାହା ପାଉ ।

86 ବର୍ତ୍ତମାନ ଆମେ ଖୋଜିବାକୁ ଚାହୁଁଛୁ ଯେ ଆମେ କିପରି ତାହାଙ୍କ *ଭିତରକୁ* ଯିବା । ଆମେ କିପରି ଏହି ଉପାସନାର ସ୍ଥାନକୁ ଯିବା? ପ୍ରଥମ କରିନ୍ଥୀୟ 12 ଏହାକୁ ସମାଧାନ କରେ, କାରଣ, "ଗୋଟିଏ ଆତ୍ମା ଦ୍ୱାରା!" ଗୋଟିଏ ମଣ୍ଡଳୀ ଦ୍ୱାରା ନୁହେଁ, ଗୋଟିଏ ଧର୍ମମତ ଦ୍ୱାରା ନୁହେଁ, ଜଣେ ପାଳକଙ୍କ ଦ୍ୱାରା ନୁହେଁ, ଜଣେ ବିଶପଙ୍କ ଦ୍ୱାରା ନୁହେଁ, ଜଣେ ପୁରୋହିତଙ୍କ ଦ୍ୱାରା ନୁହେଁ । କିନ୍ତୁ, "ଗୋଟିଏ ପବିତ୍ରଆତ୍ମାଙ୍କ ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ," ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ଶରୀର ଅଟେ, ଏବଂ ସେହି ଶରୀରରେ ଥିବା ପ୍ରତ୍ୟେକ ବରଦାନର ଅଧୀନ ଅଟେ । ହଁ, ଆଜ୍ଞା! କୌଣସି ଯୋଗ କରିବା ନୁହେଁ, କୌଣସି ଧର୍ମମତର ପଢ଼ିବା ନୁହେଁ, କୌଣସି ଉତ୍ସାହିତ ହେବା ନୁହେଁ, ଛାଡ଼ି ଦେବା, ହାତ ମିଶାଇବା, କିମ୍ବା ଅନ୍ୟ କିଛି ନୁହେଁ । କିନ୍ତୁ, ଜନ୍ମ ଦ୍ୱାରା ଆମେ ଯୀଶୁ ଖ୍ରୀଷ୍ଟଙ୍କ ଶରୀରରେ ବାପ୍ତିଜିତ ହୋଇଅଛୁ! ଆମେନ୍ । "ଗୋଟିଏ ପବିତ୍ରଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ ।"

87 ଏବଂ ସେହି ଶରୀର କଅଣ ଅଟେ? "ଆରମ୍ଭରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଆଉ ବାକ୍ୟ ପରମେଶ୍ୱର ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ ।" ଆମେ କିପରି ସେହି ଶରୀରରେ ରହି ତାହାର ଗୋଟିଏ ହେଲେ ବାକ୍ୟକୁ ଅସ୍ୱୀକାର କରିପାରିବା, କିମ୍ବା ଏହାକୁ ଅନ୍ୟ କୌଣସି ସ୍ଥାନରେ ରଖିପାରିବା ଏପରିକି ଯାହା ଶରୀରରେ ସୁଦ୍ଧା ନାହିଁ? ଆମେ ଏହା କିପରି କରିପାରିବା? ପରମେଶ୍ୱରଙ୍କ ଉପାସନାର ସ୍ଥାନ!

୫୫ ଧ୍ୟାନ ଦିଅନ୍ତୁ, ଏବଂ ଯେତେବେଳେ ଆପଣ ପ୍ରକୃତରେ ତାହାଙ୍କଠାରେ ବାପ୍ତିଜିତ ହୁଅନ୍ତି, ପ୍ରକୃତ ପ୍ରମାଣ ହେଉଛି ଯେ ଆପଣ ତାହାଙ୍କୁ, ସେହି ବାକ୍ୟକୁ ବିଶ୍ୱାସ କରନ୍ତି ।

ଆପଣ କିପରି ତାହାଙ୍କର ଏକ ଅଂଶ ହୋଇପାରନ୍ତି ଓ ତାହାପରେ ତାହାଙ୍କୁ ଅସ୍ୱୀକାର କରିପାରନ୍ତି? ମୁଁ କିପରି ମୋ ହାତକୁ ନିଜର ହାତ ବୋଲି ଅସ୍ୱୀକାର କରିପାରେ? ଯଦି ସେଠାରେ...ଯଦି ମୁଁ କରେ, ମୋ ସହିତ ମାନସିକ ସ୍ତରରେ କିଛି ଗୋଟାଏ ଭୁଲ ଅଛି । ଏବଂ ମୁଁ କିପରି କରିପାରେ? ଯଦି ମୋ ସହିତ ମାନସିକ ସ୍ତରରେ କିଛି ଭୁଲ ଅଛି, ଯଦି ତାହା ମୋର ହାତ ବୋଲି ଅସ୍ୱୀକାର କରେ, ତାହା ମୋର ପାଦ ବୋଲି ଅସ୍ୱୀକାର କରେ, ତାହାହେଲେ ସେହି ବିଶ୍ୱାସୀଙ୍କ ସହିତ ଆତ୍ମିକ ଭାବରେ କିଛି ଗୋଟାଏ ଭୁଲ୍ ଅଛି ଯିଏକି ସେହି ବାକ୍ୟକୁ ଅସ୍ୱୀକାର କରନ୍ତି ଯାହାକି ପରମେଶ୍ୱର କେବେ କହିଥିଲେ ଏବଂ ପ୍ରତିଜ୍ଞା କରିଥିଲେ । ସେହି ତଥା-କଥିତ ବିଶ୍ୱାସୀଙ୍କ ସହିତ ଆତ୍ମିକ ଭାବରେ କିଛି ଭୁଲ୍ ଅଛି ।

89 ଆପଣ ତାହାଙ୍କର ଗୋଟିଏ ହେଲେ ଅକ୍ଷରକୁ ଅସ୍ୱୀକାର କରିପାରନ୍ତି ନାହିଁ, କାରଣ ଆପଣ ସେହି ସମାନ ବିଷୟର ଏକ ଅଂଶ ହୋଇଯାଇଛନ୍ତି । ଆପଣ ତାହାଙ୍କର ଏକ ଅଂଶ ଅଟନ୍ତି କାରଣ ଆପଣ ତାହାଙ୍କଠାରେ ବାପ୍ତିଜିତ ହୋଇଛନ୍ତି; ପବିତ୍ରଆତ୍ମାଙ୍କୁ ଦ୍ୱାରା, ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଶରୀରକୁ ଅଣାଯାଇଅଛି । କି ଏକ ସୁନ୍ଦର ବିଷୟ ଅଟେ!

90 ପରମେଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଥିଲା ଯେଉଁଠାରେ ଅବ୍ରହାମଙ୍କୁ ସେ ଭେଟିଥିଲେ—ସେ ଭେଟିଥିଲେ, ଏବଂ ସେଠାରେ ଅବ୍ରହାମ ଉପାସନା କରିଥିଲେ । ସମସ୍ତ ନିୟମ ଦେଇ ତାହା ବର୍ଣ୍ଣିତ!

ଏବଂ ତାହାଙ୍କର ପ୍ରତିଜ୍ଞାତ ବାକ୍ୟ ଆପଣଙ୍କ ଭିତରେ, ତାହାଙ୍କ ଦ୍ୱାରା ବ୍ୟାଖ୍ୟା କରାଯିବ । କଅଣ ଆପଣ ତାହା ବୁଝିଲେ? ସେହି ବାକ୍ୟ ଯାହା ଆପଣ ରହୁଥିବା ଦିନରେ ପୂରଣ କରିବାକୁ ପ୍ରତିଜ୍ଞା କରିଥିଲେ: ଆପଣ ପରମେଶ୍ୱରଙ୍କ ଏକ ଲିଖିତ ଚିଠି ହେବେ, ସମସ୍ତ ଲୋକଙ୍କ ଦ୍ୱାରା ପାଠ କରାଯିବେ । ଆପଣ ଯାହା ଦାବି କରନ୍ତି ତାହା ନୁହେଁ, କିନ୍ତୁ ପରମେଶ୍ୱର ଆପଣଙ୍କ ଦେଇ ଯାହା କରନ୍ତି, ଏହା ତାହାଠାରୁ ଅଧିକ ଜୋରରେ କହିବ ଯାହା ଆପଣ ଦାବି କରିପାରନ୍ତି । ପରମେଶ୍ୱର କହିଲେ, "ଏହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ ।" ତାହା ଆପଣଙ୍କ ଦେଇ କଥା କହିଥାଏ ।

91 ସେ ଏହି ଯୁଗ ବିଷୟରେ କହିଥିଲେ, ଯେ ତାହା ବର୍ତ୍ତମାନ କଅଣ ହେବ । ଏହି ଯୁଗର ବିଶ୍ୱାସୀମାନଙ୍କୁ ଏହାକୁ ବିଶ୍ୱାସ କରିବାକୁ ହେବ, ଯାହା ସେ ଆଜି ପ୍ରତିଜ୍ଞା କରିଛନ୍ତି । ଠିକ ସେହି ସମାନ ପ୍ରକାରେ ଯେପରିକି ସେମାନଙ୍କୁ ଉଦ୍ଧାର ପାଇବା ହେତୁ, ଜାହାଜ ଭିତରକୁ ଆସିବାକୁ ପଡ଼ିଥିଲା; ପରିତ୍ରାଣ ପାଇବା ପାଇଁ ମିସରରୁ ବାହାରକୁ ଯିବାକୁ ପଡିଥିଲା; ବର୍ତ୍ତମାନ ସେମାନଙ୍କୁ ପରିତ୍ରାଣ ପାଇବା ପାଇଁ, ଖ୍ରୀଷ୍ଟଙ୍କ ଭିତରକୁ, ବାକ୍ୟ ବାର୍ତ୍ତା ଭିତରକୁ ଆସିବାକୁ ହେବ, ଯେ ସେ ଗତକାଲି, ଆଜି ଏବଂ ଚିରକାଳ ସମାନ ଅଟନ୍ତି ।

92 ଆପଣ ଏହା ଭିତରକୁ କିପରି ଆସନ୍ତି? ବାପ୍ତିସ୍ମ ଦ୍ୱାରା! କେଉଁ ବିଷୟର ବାପ୍ତିସ୍ମ, ଜଳ? ପବିତ୍ରଆତ୍ମାଙ୍କ ଦ୍ୱାରା! "ଗୋଟିଏ ଆତ୍ମା, ଆମେ ସମସ୍ତେ ଏହି ଗୋଟିଏ ଶରୀରରେ ବାପ୍ତିଜିତ ଅଟୁ।"

93 ଏବଂ ତାହାଙ୍କର ପ୍ରତିଜ୍ଞାତ ବାକ୍ୟ, ସେ କରିବେ ନାହିଁ...ଆପଣଙ୍କୁ ତାହାର ବ୍ୟାଖ୍ୟା କରିବାକୁ ପଡ଼ିବ ନାହିଁ। ସେ ଏହାକୁ ଆପଣଙ୍କ ମାଧ୍ୟମରେ ବ୍ୟାଖ୍ୟା କରିବେ; ଆପଣ ଯାହା କରୁଛନ୍ତି, ଯାହା ଯେ କରିବାକୁ ପ୍ରତିଜ୍ଞା କରିଥିଲେ। ତାହାଙ୍କୁ ଅନୁସରଣ କରୁଥିବା ମଣ୍ଡଳୀ ତାହାଙ୍କ ପରି ଏତେ ସମାନତାରେ ହେବ ଏପରିକି ଲୋକମାନେ ତାହା ଜାଣିବେ।

ପିତର ଏବଂ ଯୋହନଙ୍କୁ ଦେଖନ୍ତୁ ଯେତେବେଳେ ସେମାନଙ୍କୁ ସୁନ୍ଦର ନାମକ ଫାଟକରେ ଜଣେ ବ୍ୟକ୍ତିଙ୍କୁ ସୁସ୍ଥ କରିବା ବିଷୟରେ ପ୍ରଶ୍ନ କରାଯାଇଥିଲା। ସେମାନେ କହିଲେ, "ସେମାନେ ଅନୁଭବ କଲେ," ସେହି ଯାଜକମାନେ କଲେ, "ଯେ ସେମାନେ ଦୁହେଁ ଅଜ୍ଞ ଏବଂ ଅଶିକ୍ଷିତ ବ୍ୟକ୍ତି ଥିଲେ," ମାତ୍ର ସେମାନେ ଲକ୍ଷ୍ୟ କଲେ ଯେ ସେମାନେ ଯୀଶୁଙ୍କ ସହିତରେ ରହିଥିଲେ। କାରଣ, (କଅଣ?) ସେମାନେ ସେହି ବିଷୟସବୁ କରୁଥିଲେ ଯାହା ଯୀଶୁ କରିଥିଲେ।

94 ତାହାଙ୍କୁ ପିତାଙ୍କ ବ୍ୟବସାୟରେ ରହିବା ଅବଶ୍ୟ ଥିଲା। ଏବଂ ଆଜି ତାହା ସମାନ ହେବା ଆବଶ୍ୟକ ଅଟେ।

95 ବର୍ତ୍ତମାନ, ମନେରଖନ୍ତୁ, ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି; କାରଣ ପରମେଶ୍ୱର ଆପଣଙ୍କୁ ତାହାଙ୍କଠାରେ ସାକ୍ଷାତ କରନ୍ତି, ସେହି ଏକମାତ୍ର ସ୍ଥାନ ଯାହାକି ସେଠାରେ ଅଛି; କାରଣ ତାହାହିଁ ଅଟେ ଯେଉଁଠାରେ ସେ ନିଜର ନାମକୁ, ଯୀଶୁଙ୍କଠାରେ ରଖିବାକୁ ମନୋନୀତ କରିଛନ୍ତି। "ଯୀଶୁ" ପରମେଶ୍ୱରଙ୍କ ନାମ ଅଟେ। ମନେରଖନ୍ତୁ, ପିତା, ପୁତ୍ର, ପବିତ୍ରଆତ୍ମା, "ଯୀଶୁ ଖ୍ରୀଷ୍ଟ" ନାମର ଉପାଧିମାନ ଅଟେ।

96 ଯେତେବେଳେ ମାଥିଉ କହିଥିଲେ, "ଅତଏବ, ସମସ୍ତ ଜଗତକୁ ଯାଇ ଶିକ୍ଷା ଦିଅ, ସେମାନଙ୍କୁ ପିତାଙ୍କ, ପୁତ୍ରଙ୍କ ନାମରେ, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ କର।"

ଆଜି ଏହାକୁ କିପରି ଭୁଲ ଭାବରେ ବ୍ୟାଖ୍ୟା କରାଯାଇଛି, ଏବଂ କୁହାଯାଇଛି, "ପିତାଙ୍କ ନାମରେ, ପୁତ୍ରଙ୍କର ନାମରେ, ପବିତ୍ରଆତ୍ମାଙ୍କ ନାମରେ।" ଏପରିକି ଏହା ଲେଖା ସୁଦ୍ଧା ହୋଇନାହିଁ। ଏହା, "ପିତା, ପୁତ୍ର, ପବିତ୍ରଆତ୍ମା," ଙ୍କ ଏକବଚନ, "ନାମରେ।" *ପିତା* ଏକ ନାମ ନୁହଁନ୍ତି, *ପୁତ୍ର* ଏକ ନାମ ନୁହେଁ, *ପବିତ୍ରଆତ୍ମା* ଏକ ନାମ ନୁହେଁ; ଏହା ତ ଏକ ଉପାଧି ଅଟେ।

ଦଶ ଦିନ ପରେ, ପିତର ଠିଆ ହୋଇ କହିଲେ, "ଆପଣମାନେ ସମସ୍ତେ, ମନଃପରିବର୍ତ୍ତନ କରନ୍ତୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ।" ତାହାହେଲେ କଅଣ ସେ ତାହା କଲେ ଯାହା ଯୀଶୁ ତାଙ୍କୁ କରିବାକୁ କହି ନ ଥିଲେ? ସେ ତ ତାହାହିଁ କଲେ ଯାହା ସେ ତାଙ୍କୁ କରିବାକୁ କହିଥିଲେ। ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କର ନାମ ହେଉଛି

"ପ୍ରଭୁ ଯୀଶୁ ଖ୍ରୀଷ୍ଟ ।" ନୂତନ ନିୟମର ପ୍ରତ୍ୟେକ ବ୍ୟକ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ ।

୨୭ ବାଇବଲରେ ଜଣେ ହେଲେ ବ୍ୟକ୍ତି ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ଉପାଧିରେ ବାପ୍ତିଜିତ ହୋଇ ନାହାଁନ୍ତି । ରୋମର ନାଇସିଆଠାରେ, ନାଇସିଆ ମତ ବୋଲି ନ ଆସିବା ପର୍ଯ୍ୟନ୍ତ ତାହା କେବେହେଲେ ଲୋକଲୋଚନକୁ ଆସି ନ ଥିଲା । ଏହା କ୍ୟାଥୋଲିକ୍ ମଣ୍ଡଳୀର ଏକ ନିୟମ ଥିଲା, ଯାହାକି କ୍ୟାଟେକିଜିମରେ, ଦେଖିବାକୁ ମିଳେ, ସେହି ସମାନ ବିଷୟ ପ୍ରମାଣିତ କରଯାଇଥିଲା । ମୋ ପାଖରେ ତାହା ଅଛି, ତାହା ଠିକ୍, *ଆମ ବିଶ୍ୱାସର ତଥ୍ୟ,* ଏବଂ ଅନ୍ୟାନ୍ୟ ପ୍ରଭୃତିରେ, ଯେ ଏହା ସମ୍ପୂର୍ଣ୍ଣ ରୂପେ ଏକ ରୋମାନ୍ କ୍ୟାଥୋଲିକ ମତବାଦ ଅଟେ । ସେମାନେ ଆପଣଙ୍କୁ କହିବେ ଯେ ଏହା ବାଇବଲରେ ନାହିଁ; କିନ୍ତୁ ସେମାନେ କହିବେ ଯେ ପୋପ୍ ହେତୁରୁ, ସେମାନେ ଯଦି ଚାହିଁବେ, ସେମାନଙ୍କ ପାଖରେ ସେହି ବାକ୍ୟଗୁଡିକୁ ପରିବର୍ତ୍ତନ କରିବାର ଶକ୍ତି ଅଛି । ମୁଁ ଅସହମତ ଅଟେ ।

ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି । "ଏବଂ ଯିଏକେହି ଏହି ବାଇବଲରୁ ଗୋଟିଏ ହେଲେ ଶବ୍ଦ ବାହାର କରିବ," ଯୀଶୁ କହିଲେ, "କିମ୍ବା ଏଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରିବ, ତାହାର ଅଂଶ ଜୀବନ ପୁସ୍ତକରୁ ଲୋପ କରି ଦିଆଯିବ ।" ଗୋଟିଏ ଶବ୍ଦ; ଏକ ବାକ୍ୟ ନୁହେଁ, କିମ୍ବା ଏକ ଅନୁଚ୍ଛେଦ ନୁହେଁ, ମାତ୍ର ଗୋଟିଏ ଶବ୍ଦ! "ଯିଏ କେହି ଗୋଟିଏ ଶବ୍ଦ ବାହାର କରିବ…"

୨୮ ଆରମ୍ଭରେ, ପରମେଶ୍ୱର ତାହାଙ୍କର ଲୋକମାନଙ୍କୁ ନିଜର ବାକ୍ୟ ଦ୍ୱାରା ଘେରାବନ୍ଦୀ କରିଥିଲେ । ଗୋଟିଏ ଶବ୍ଦ, ଭୁଲ ବ୍ୟାଖ୍ୟା କରାଯିବା ଦ୍ୱାରା, ପ୍ରତ୍ୟେକ ମୃତ୍ୟୁକୁ, ପ୍ରତ୍ୟେକ ହୃଦାଘାତକୁ, ପ୍ରତ୍ୟେକ ଦୁଃଖକୁ ନେଇକି ଆସିଲା । ହବା, ସେ କେବେ ବି ଗୋଟିଏ ବାକ୍ୟକୁ ଭାଙ୍ଗିଲେ ନାହିଁ; ସେ ଗୋଟିଏ ଶବ୍ଦକୁ ଭାଙ୍ଗିଲେ । ଯେତେବେଳେ ଯୀଶୁ ପୁସ୍ତକର ମଧ୍ୟ ଭାଗରେ ଆସିଲେ…ତାହା ପୁସ୍ତକର ପ୍ରଥମ ଥିଲା ।

ଯେତେବେଳେ ଯୀଶୁ ପୁସ୍ତକର ମଧ୍ୟ ଭାଗରେ ଆସିଲେ, ସେ କଅଣ କହିଲେ? "ଏହା ଲେଖାଅଛି ଯେ ମନୁଷ୍ୟ କେବଳ ରୁଟିରେ ବଞ୍ଚିବ ନାହିଁ, ବରଂ ପରମେଶ୍ୱରଙ୍କ ମୁଖ ନିସୃତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।"

ପୁସ୍ତକର ଶେଷ ଭାଗରେ, ପ୍ରକାଶିତ ବାକ୍ୟର 22ତମ ପର୍ବରେ, ତାର 18ତମ ପଦ, ବାଇବଲର ଠିକ୍ ଶେଷ ଭାଗ, ଯୀଶୁ ନିଜେ କୁହନ୍ତି, କହିଲେ, "ମୁଁ ସାକ୍ଷ୍ୟ ଦେଉଅଛି ଯେ ଯଦି କୌଣସି ବ୍ୟକ୍ତି ଏହି ପୁସ୍ତକରୁ ଗୋଟିଏ ଶବ୍ଦ ବାହାର କରିବ, କିମ୍ବା ଏଥିରେ ଗୋଟିଏ ଶବ୍ଦ ଯୋଗ କରିବ, ତାର ଅଂଶ ଜୀବନ ପୁସ୍ତକରୁ ଲୋପ କରି ଦିଆଯିବ," କାରଣ ସେ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଟେ ଏବଂ ଲୋକମାନଙ୍କୁ ଭୁଲ ବ୍ୟାଖ୍ୟା କରିଅଛି, ଆଉ ତାହା କରିବା ଦ୍ୱାରା ସମାନଙ୍କର ରକ୍ତର ଦୋଷ ତାହା ଉପରେ ବର୍ତ୍ତିବ ।

99 ଆମେ ନିଶ୍ଚିତରେ ସେହି ଗୋଟିଏ ଉପାସନାର ସ୍ଥାନକୁ ରଖିବା ଉଚିତ, ଅର୍ଥାତ୍, ଯୀଶୁ ଖ୍ରୀଷ୍ଟ ଯିଏକି ସେହି ବାକ୍ୟ ଅଟନ୍ତି, ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ଆମେନ୍ । ଠିକ୍ ଅଛି । ମନେରଖନ୍ତୁ, ଉପାସନା କରିବା ପାଇଁ ଅନ୍ୟ କୌଣସି ସାକ୍ଷାତର ସ୍ଥାନ ନାହିଁ, ଗୋଟିଏ ସ୍ଥାନ ସୁଦ୍ଧା ନାହିଁ । ପରମେଶ୍ୱର ଏହାକୁ ମନୋନୀତ କରିଛନ୍ତି ।

100 ଯୋହନ, ନୂତନ ଏବଂ ପୁରାତନ ନିୟମର ଠିକ୍ ସେହି ସନ୍ଧି ମଧ୍ୟରେ ପଶ୍ଚାତ କାଳରେ । ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ । ଅତି ଧ୍ୟାନର ସହ ଲକ୍ଷ୍ୟ କରନ୍ତୁ । ଯୋହନ, ସେହି ମହାନ ଉତ୍କ୍ରୋଶ ପକ୍ଷୀ, ଦିନେ ତାଙ୍କର ମହାନ ପକ୍ଷ ବିସ୍ତାର କରି, ପ୍ରାନ୍ତରରୁ ଉଡ଼ିକରି ଆସିଲେ । ସେ ଯର୍ଦ୍ଦନ କୂଳରେ ଓହ୍ଲାଇଲେ, ଏକ ମହାନ ଉତ୍କ୍ରୋଶ ଭବିଷ୍ୟଦ୍‌ବକ୍ତା ଯିଏକି ପୁରାତନ ଏବଂ ନୂତନ ନିୟମ ମଧ୍ୟରେ ଥିବା ପ୍ରଭେଦକୁ ମାର୍ଗରେ ଯୋଡିଲେ, ଏବଂ ସେ ସେମାନଙ୍କୁ ଡାହାଣ ଓ ବାମରୁ ସବୁଆଡୁ କଡା କଥା କହିଲେ । ସେ ମନ ଫେରଣ ନିମନ୍ତେ ଏକ ଦିନକୁ ଡାକୁଥିଲେ ।

ଯେଉଁଠାରେ ଫାରୂଶୀ ଓ ସାଦ୍ଦୂକୀମାନେ ବାହାରି ଆସିଥିଲେ; ସେ କହିଲେ, "ନିଜ ଭିତରେ ଏହା କହିବା ଆରମ୍ଭ କର ନାହିଁ ଯେ, 'ଆମ ପାଖରେ ତ ଆମ ପିତା ଅବ୍ରହାମ ଅଛନ୍ତି,' 'କାରଣ ମୁଁ ତୁମକୁ କୁହେ ପରମେଶ୍ୱର ଅବ୍ରହାମଙ୍କ ନିମନ୍ତେ ଏହି ପଥରଗୁଡ଼ିକରୁ ସନ୍ତାନ ଉତ୍ପନ୍ନ କରିବାରେ ସକ୍ଷମ ଅଟନ୍ତି ।" ଓଃ ମୋର ପ୍ରଭୁ!

ଯେତେବେଳେ ସେ ତାହାଙ୍କର ସୁସମାଚାରକୁ ପ୍ରଦାନ କରିବା ଆରମ୍ଭ କଲେ, ଏବଂ କହିଲେ, "ତୁମମାନଙ୍କ ମଧ୍ୟରେ ଜଣେ ଠିଆ ହୋଇଛନ୍ତି, ଯାହାଙ୍କୁ ତୁମେ ଜାଣ ନାହିଁ । ମୁଁ ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କୁ ଚିହ୍ନଟ କରି ନାହିଁ, କିନ୍ତୁ ମୁଁ ତାଙ୍କୁ ଜାଣିଯିବି ଯେତେବେଳେ ସେ ଆସିବେ । ମୁଁ ତାଙ୍କ ଜୋତାର ଫିତା ଖୋଲିବାକୁ ଯୋଗ୍ୟ ନୁହେଁ । କିନ୍ତୁ ସେ ତୁମକୁ ପବିତ୍ରଆତ୍ମା ଏବଂ ଅଗ୍ନିରେ ବାପ୍ତିଜିତ କରିବେ । ଏବଂ ତାଙ୍କ ହାତରେ ତାଙ୍କ କୁଲା ଅଛି; ସେ ଭଲ ଭାବରେ ତାଙ୍କ ଖଳାକୁ ସଫା କରିବେ, ଏବଂ ସେ ଚିରନ୍ତନ ଅଗ୍ନିରେ ଚୋପାକୁ ଦଗ୍ଧ କରିବେ ।"

101 ସେହି ମହାନ ସୁସମାଚାର ଉତ୍କ୍ରୋଶ ପକ୍ଷୀ ସେଠାରେ ବସି ରହିଥିଲା, ଯେତେବେଳେ ସେ ତାଙ୍କର ମହତ୍ ଚେତାବନୀଗୁଡିକୁ ଚିତ୍କାର କରି ପ୍ରଦାନ କରିଥିଲେ । ଏବଂ ସେହି ମନ୍ଦ ବିଷୟ ବାହାରି ଆସିଲା, କିମ୍ବା ହେରୋଦ, ସେହି ସମୟରେ ସମ୍ରାଟ, ଉଦଘୋଷକ, ନିଜର ଭାଇର ପତ୍ନୀଙ୍କୁ ବିବାହ କରିଥିଲା । ଏବଂ କଅଣ ଆପଣ କଳ୍ପନା କରିପାରନ୍ତି ଯେ ସେହି ବଡ ସୁସମାଚାର ଉତ୍କ୍ରୋଶ ପକ୍ଷୀ ସେଠାରେ ବସି ଥାଇ ସେଠାରେ ସେହି ବିଷୟ ପ୍ରତି ନୀରବ ରହିପାରିବ?

ସେମାନଙ୍କ ମଧ୍ୟରୁ କେତେକ କହିଲେ, "ଯୋହନ, ତୁମେ ବର୍ତ୍ତମାନ ବିବାହ ଏବଂ ଛାଡପତ୍ର ବିଷୟରେ ପ୍ରଚାର କର ନାହିଁ, କାରଣ ହେରୋଦ ସେଠାରେ ବସିଛି ।"

102 ସେ ଠିକ୍ ତାଙ୍କର ମୁଖ ସମ୍ମୁଖରେ ଚାଲିକରି ଗଲେ ଓ କହିଲେ, "ତୁମ ପାଇଁ ତାଙ୍କୁ ଗ୍ରହଣ କରିବା ବିଧିସମ୍ମତ ନୁହେଁ ।" ଠିକ୍!

ତାହା, ସେ, କଅଣ ଥିଲେ? ସେ ପ୍ରାନ୍ତରରୁ ସେହି ଉତ୍କ୍ରୋଶ ପକ୍ଷୀ ଥିଲେ । ସେ କୌଣସି ନାମଧାରୀ ସଂସ୍ଥାର ମନୁଷ୍ୟର ଭୟ ଏବଂ ଧମକ ଅଧୀନରେ, ତାଲିମ ପ୍ରାପ୍ତ ହୋଇ ନ ଥିଲେ । କିନ୍ତୁ ସେ ଏହା ଜାଣିବା ହେତୁ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତି ଅଧୀନରେ ତାଲିମ ପ୍ରାପ୍ତ ହୋଇଥିଲେ, ଯେ ସେଠାରେ କଅଣ ହେବ । ସେ ମଶୀହଙ୍କ ପରିଚୟ ଜାଣିଥିଲେ ।

ହାଲ୍ଲେଲୁୟା! ସେହି ଶବ୍ଦର ଅର୍ଥ ହେଉଛି, "ଆମ୍ଭ ପରମେଶ୍ୱରଙ୍କର ପ୍ରଶଂସା ହେଉ ।" ଭୟ କରନ୍ତୁ ନାହିଁ । ମୁଁ ଏପର୍ଯ୍ୟନ୍ତ ସୁଦ୍ଧା କାହାରିକୁ କଦାପି ଆଘାତ କରି ନାହିଁ । ମୁଁ ଉତ୍ସାହିତ ନୁହେଁ । ମୁଁ ଠିକ୍ ଜାଣେ ଯେ ମୁଁ କେଉଁଠାରେ ଅଛି ।

ଓଃ, ଯେତେବେଳେ ମୁଁ ତାଙ୍କ ବିଷୟରେ ଭାବେ, ସେହି ବଡ ଉତ୍କ୍ରୋଶ ପକ୍ଷୀ ସେଠାରେ ଉଡୁଥାଏ ଏବଂ ବସୁଥାଏ! ସେ କହିଲେ, "ସେ ଯେତେବେଳେ ଆସିବେ ମୁଁ ତାହାଙ୍କୁ ଜାଣିଯିବି ।"

103 ଦିନେ ସେ ସେଠାରେ ଠିଆ ହୋଇ, ପ୍ରଚାର କରୁଥିଲେ । ଯାଜକମାନେ ଅନ୍ୟ ପାର୍ଶ୍ୱରେ ଥିଲେ, କହିଲେ, "ତୁମର କହିବାର ଅର୍ଥ ଯେ ଏପରି ଏକ ସମୟ ଆସିବ ଯେ ଦୈନିକ ବଳିଦାନ ଉଠାଇ ନିଆଯିବ; ଏହି ମହାନ ମନ୍ଦିର ଯାହା ଆମେ ନିର୍ମାଣ କରିଅଛୁ, ଏବଂ ଆମେ କରିଥିବା ସମସ୍ତ କାର୍ଯ୍ୟ, ଆମେ ଏତେ ବଡ଼ ନାମଧାରୀ ସଂସ୍ଥା?"

ସେ କହିଲେ, "ଏପରି ଏକ ସମୟ ଆସିବ ଯେତେବେଳେ ସେହି ସମସ୍ତ କାର୍ଯ୍ୟ ସମାପ୍ତ ହୋଇଯିବ ।"

"ଏହା ହୋଇପାରିବ ନାହିଁ । ତୁମେ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଟ!"

104 ଏବଂ ସେ ଚାରିଆଡେ ଅନାଇଲେ । ସେ କହିଲେ, "ଦେଖ, ସେ ସେଠାରେ ଅଛନ୍ତି! ସେଠାରେ ପରମେଶ୍ୱରଙ୍କର ମନୋନୀତ ଉପାସନା ସ୍ଥାନ ଅଛି । ସେଠାରେ ସେହି ମେଷଶାବକ ଅଛନ୍ତି, ପ୍ରକୃତ ମେଷଶାବକ ଯିଏକି ଜଗତର ପାପ ବୋହି ନେଇଯାଆନ୍ତି ।" ସେ କହିଲେ ନାହିଁ, "ଏଠାରେ ମେଥୋଡିଷ୍ଟ ଆସୁଛନ୍ତି, ଏଠାରେ ବାପ୍‌ଟିଷ୍ଟ ବା କ୍ୟାଥୋଲିକ୍ ଆସୁଛନ୍ତି ।" ସେ କହିଲେ, "ହେଇ ଦେଖ ପରମେଶ୍ୱରଙ୍କର ମେଷଶାବକ ଆସୁଛନ୍ତି ଯିଏକି ଜଗତର ପାପ ବୋହି ନେଇଯାଆନ୍ତି ।"

ଏକମାତ୍ର ସୁରକ୍ଷାର କ୍ଷେତ୍ର ଯାହା ସେଠାରେ ଅଛି ତାହା ହେଲା ପରମେଶ୍ୱରଙ୍କର ମେଷଶାବକଙ୍କଠାରେ । କେବଳ ତାହାଙ୍କଠାରେ ପରିତ୍ରାଣ ଅଛି; କୌଣସି ମଣ୍ଡଳୀରେ ନୁହେଁ, କୌଣସି ଧର୍ମମତରେ, କୌଣସି ଲୋକଠାରେ, କୌଣସି ପିତା, କୌଣସି ମାତା, କୌଣସି ପବିତ୍ର ବ୍ୟକ୍ତିଠାରେ, କିମ୍ବା କୌଣସି ବିଷୟରେ, ପବିତ୍ର ସ୍ଥାନରେ ନୁହେଁ । ଏହା ପବିତ୍ର ପରମେଶ୍ୱର, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅଛି, ଯେଉଁଠାରେ ପରମେଶ୍ୱର ମୁକ୍ତିର ନିମନ୍ତେ, ଜଣେ ମନୁଷ୍ୟ ଉପରେ ତାହାଙ୍କର ନାମକୁ ସ୍ଥାପନ କଲେ, ଯିଏକି ଆମ ପାପୀମାନଙ୍କ ପାଇଁ ମୂଲ୍ୟ ପରିଶୋଧ କଲେ । ତାହାହିଁ ସେହି ଏକମାତ୍ର ସ୍ଥାନ ଅଟେ ଯେଉଁଠାରେକି ପରିତ୍ରାଣ ଅଛି । ତାହାହିଁ ସେହି ଶୈଳ ଯାହା ଉପରେ ମୁଁ ଛିଡ଼ା ହୋଇଛି ।

105 ଯୋହନ ତାହାଙ୍କୁ ଚିହ୍ନଟ କରିଥିଲେ । ସେ କହିଲେ, "ମୁଁ ତାହାଙ୍କୁ ଜାଣି ନ ଥିଲି ଯେତେବେଳେ ମୁଁ ତାହାଙ୍କୁ ଚାଲିକରି ଆସୁଥିବାର ଦେଖିଲି, କିନ୍ତୁ ସେଠାରେ ଯେଉଁଠାରେ ମୁଁ ମୋର ଶିକ୍ଷାପ୍ରାପ୍ତ ହୋଇଥିଲି..." ତାଙ୍କ ବାପାଙ୍କ ପରି ସେମିନାରୀରେ ନୁହେଁ; ଜଣେ ପୁରୋହିତ ଭାବରେ, ତାଲିମପ୍ରାପ୍ତ ନୁହେଁ । କିନ୍ତୁ ପ୍ରାନ୍ତରରେ, ଯେଉଁଠାରେ ସେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଈଶ୍ୱରତତ୍ତ୍ୱିକ ସେମିନାରୀରେ ଥିଲେ, ପରମେଶ୍ୱରଙ୍କ ବାକ୍ୟକୁ ଅପେକ୍ଷା କରିଥିଲେ; କୌଣସି ଗୋଷ୍ଠୀର ଲୋକମାନେ କଅଣ ବିଚାର ବିମର୍ଶ କରିଥିଲେ ତାହା ନୁହେଁ, କିନ୍ତୁ ପରମେଶ୍ୱର ତାହା ବିଷୟରେ ଯାହା କହିଥିଲେ । ଆଉ ଯେତେବେଳେ ଯୋହନ ଅନାଇ ଆତ୍ମାଙ୍କୁ ତଳକୁ ଅବତରଣ କରୁଥିବାର ଦେଖିଲେ, ସେ କହିଲେ, "ମୁଁ ସାକ୍ଷ୍ୟ ଦେଉଅଛି, ଏହା ହେଉଛନ୍ତି ସେ ।" ଓଃ, ମୋର ପ୍ରଭୁ!

ସେଠାରେ ଆପଣଙ୍କର ଉପାସନାର ସ୍ଥାନ ଅଟେ । ସେଠାରେ ଆପଣଙ୍କର ଲୁଚିବାର ସ୍ଥାନ ଅଟେ । ସେଠାରେ ପରମେଶ୍ୱରଙ୍କ ମେଷଶାବକ ଅଛନ୍ତି ଯାହାକି ଜଗତର ପାପ ବୋହି ନେଇଯାଆନ୍ତି । କୌଣସି ମଣ୍ଡଳୀ ନୁହେଁ, କୌଣସି ଧର୍ମମତ, କିମ୍ବା ଅନ୍ୟ କିଛି ନୁହେଁ, ମାତ୍ର ପରମେଶ୍ୱରଙ୍କ ମେଷଶାବକ ଯିଏକି ଜଗତର ପାପକୁ ବୋହି ନେଇଯାଆନ୍ତି ।

106 ଦେଖନ୍ତୁ ଯୋହନ ଏହାକୁ କିପରି ସ୍ଥାପନ କଲେ? ସେ କହିଲେ ନାହିଁ, "ତୁମେ ଫାରୂଶୀମାନେ ଠିକ୍ ଅଟ, ତୁମେ ସାଦ୍ଦୂକୀ, ହେରୋଦୀୟମାନେ ।" ସେ କହିଲେ, "ସେଠାରେ ମେଷଶାବକ ଅଛନ୍ତି ।" ତାହା ସେହି ସ୍ଥାନ ଅଟେ । ସେ ନାମ ପାଇଛନ୍ତି । ସେ ହେଉଛନ୍ତି ସେହି ଜଣକ। । ସ୍ୱର୍ଗ ତଳେ ଅନ୍ୟ କୌଣସି ନାମ ନୁହେଁ!

107 ଯୋହନଙ୍କ ବିଷୟରେ ଯୀଶୁ କଅଣ କହିଲେ ବର୍ତ୍ତମାନ ତାହା ଦେଖନ୍ତୁ । ଦିନେ ଯୋହନ ତାଙ୍କ ନିକଟକୁ ପଠାଇଲେ, ଏହା ଦେଖିବା ପାଇଁ ଯେ ସେ କଅଣ କରୁଛନ୍ତି । ଯୀଶୁ ତାଙ୍କ ବିଷୟରେ କହିଲେ, "ସେ ସେହି ମହାନ ଏବଂ ଉଜ୍ଜ୍ୱଳ ଆଲୋକ ଥିଲେ," ଯେ ସେମାନଙ୍କୁ ସଠିକ୍ ପଥ ଦେଖାଇ ଦିଆଯାଏ ଯେପରିକି ସେମାନେ ତାହାଙ୍କ ଆଗମନ ପୂର୍ବରୁ, ତାହାଙ୍କର ପ୍ରଥମ ଆଗମନ ପୂର୍ବରୁ ଅନୁସରଣ କରନ୍ତି । ଧ୍ୟାନ ଦେଇ ଶୁଣନ୍ତୁ । ଏହାକୁ ହାତଛଡା କରନ୍ତୁ ନାହିଁ । ଯୀଶୁ କହିଲେ, "ଯୋହନ ସେହି ଆଲୋକ ଥିଲେ ।" ମଲାଖି 3, ଭୁଲ କରନ୍ତୁ ନାହିଁ! ମହାନ ଉଜ୍ଜ୍ୱଳ ଆଲୋକ ସହିତ ସେହି ଭବିଷ୍ୟଦ୍‌ବକ୍ତା ହିଁ ଯୀଶୁଙ୍କୁ ସେହି ଏକମାତ୍ର, "ମେଷଶାବକ" ବୋଲି ଚିହ୍ନଟ କରିଥିଲେ । ଯେଉଁ ଅନ୍ୟ ସମସ୍ତ ମେଷଶାବକ ଯାହା ବିଷୟରେ ଯାଜକମାନେ କହୁଥିଲେ, ଏବଂ ଅନ୍ୟ ସେସମସ୍ତ ବିଷୟଗୁଡାକ, ମୂର୍ଖାମୀ ଥିଲା । ଏଠାରେ ଥିଲା "ସେହି ମେଷଶାବକ!" ମହାନ ଉଜ୍ଜ୍ୱଳ ଆଲୋକ ସହିତ ସେହି ବ୍ୟକ୍ତି, ଯାହା ବିଷୟରେ ଯୀଶୁ କହିଥିଲେ ଯେ ସେ ଥିଲେ ।

ମଲାଖି 3 କୁହେ, "ମାର୍ଗ ପ୍ରସ୍ତୁତ କରିବା ନିମନ୍ତେ ମୁଁ ମୋର ଦୂତଙ୍କୁ ମୋ ଆଗରେ ପ୍ରେରଣ କରିବି ।" ଏବଂ ମାର୍ଗ ପ୍ରସ୍ତୁତ କରିବା ନିମନ୍ତେ ଯେଉଁ ଜଣକୁ ପଠାଗଲା, ସେ ତାହାଙ୍କୁ, ସେହି ସ୍ଥାନକୁ ଚିହ୍ନଟ କରିଥିଲେ । "ତାହା ହେଉଛନ୍ତି ସେ! କୌଣସି ଭୁଲ ନାହିଁ । ତାହା ହେଉଛନ୍ତି

ସେ! ମୁଁ ସେହି ଚିହ୍ନକୁ ତାଙ୍କୁ ଅନୁସରଣ କରୁଥିବାର ଦେଖେ । ମୁଁ ଜାଣେ ଯେ ତାହା ହେଉଛନ୍ତି ସେ; ସ୍ୱର୍ଗରୁ ଏକ ଆଲୋକ ଓହ୍ଲାଉଅଛି ଏବଂ ତାହାଙ୍କ ଉପରେ ଯାଉଅଛି ।" ଏହା ସକାରାତ୍ମକ ଥିଲା, ସେ ହିଁ ଥିଲେ ।

108 ତାହାପରେ, ମୋ ଭାଇ, ମୁଁ ସମାପ୍ତ କରିବାବେଳେ, ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ । ଆମେ ଏହା କହିପାରିବା । ମଲାଖି 4 ରେ, ଆମକୁ ଆଉ ଏକ ଉତ୍କ୍ରୋଶ ପକ୍ଷୀର ମଧ୍ୟ ପ୍ରତିଜ୍ଞା କରାଯାଇ ନାହିଁ କି, ଯାହାର ଅନୁସରଣ ଆଲୋକର ଏକ ସ୍ତମ୍ଭ କରୁଥିବ, ଆଜିର ଭ୍ରାନ୍ତ ଥିବା ମଣ୍ଡଳୀକୁ ଏହା ଦେଖାଇବାକୁ ଯେ ସେ ଏବ୍ରୀ 13:8 ଅଟନ୍ତି, "ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।"? କଅଣ ଆମକୁ ପ୍ରାନ୍ତରରୁ ଉଡ଼ି ଆସୁଥିବାର ଆଉ ଏକ ଉତ୍କ୍ରୋଶ ପକ୍ଷୀର ପ୍ରତିଜ୍ଞା କରାଯାଇ ନାହିଁ କି? ଆମେନ୍! ତାହା ସତ୍ୟ ଅଟେ । ଲୂକ 17:30 ସହିତ ଏହା କେତେ ଉତ୍ତମ ବୋଧ ହେଉଅଛି ଏବଂ ମେଳ ଖାଉଅଛି, ଯେଉଁଠାରେ ସେହି ମନୁଷ୍ୟପୁତ୍ର (ଉତ୍କ୍ରୋଶ ପକ୍ଷୀ) ଆପଣାକୁ ପ୍ରକାଶ କରୁଥିବେ ଯେପରିକି ଅନ୍ୟ ସମସ୍ତ ଉପାସନାର ସ୍ଥାନଗୁଡ଼ିକୁ ନଷ୍ଟ କରନ୍ତି, ଯଥା ନାମଧାରୀ ସଂସ୍ଥାମାନ ଏବଂ ଅନ୍ୟାନ୍ୟ ପ୍ରଭୃତି!

ପରମେଶ୍ୱର ତାହାଙ୍କର ସ୍ଥାନକୁ ମନୋନୀତ କଲେ । ଯୋହନ କହିଲେ, "ତାହା ସେଠାରେ ଅଛି!"

109 ଏବଂ ତାହାପରେ ଆମକୁ ଏହି ଦିନରେ ସେହି ସମାନ ବିଷୟର ପ୍ରତିଜ୍ଞା କରାଯାଇଛି, ମଲାଖି 4, "ସନ୍ତାନମାନଙ୍କର ହୃଦୟକୁ ଫେରାଇବା ପାଇଁ," ଏହା କହିବା ପାଇଁ ଯେ ସେ ମରି ନାହାଁନ୍ତି, ଏହି ବିଷୟଗୁଡ଼ିକ ଅନ୍ୟ ଯୁଗ ପାଇଁ ନୁହେଁ; ଯୀଶୁଙ୍କ ନାମରେ ବାପ୍ତିସ୍ମ ସେଠାରେ ପଶ୍ଚାତ ଯୁଗ ପାଇଁ ନ ଥିଲା, ବରଂ ସେ ବର୍ତ୍ତମାନ ସମାନ ଅଟନ୍ତି । ଆମେନ୍ । ଅନ୍ୟ ସମସ୍ତ ଉପାସନାର ସ୍ଥାନଗୁଡ଼ିକୁ ନଷ୍ଟ କରିବାକୁ, ତାହାହିଁ ଅଟେ ଯାହାକି ଶେଷ-ଦିନର ଉତ୍କ୍ରୋଶ ପକ୍ଷୀକୁ କରିବାକୁ ଅଛି, ଏହା ଦର୍ଶାଇବାକୁ ଅଛି ଯେ ବାକି ସବୁ ମୂର୍ଖାମୀ ଅଟେ, ନାମଧାରୀ ସଂସ୍ଥା ମୂର୍ଖତା ଅଟେ, ମାତ୍ର ସେ କରିଥିବା ସେହି ସମାନ ଚିହ୍ନ ସହିତ ସେମାନଙ୍କୁ ପୁନର୍ବାର ସୂଚାଇ ଦେବାକୁ ଅଛି ଯେ, ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି । ହାଲ୍ଲେଲୁୟା!

110 ଆହୁରି ମଧ୍ୟ, ପ୍ରକାଶିତ ବାକ୍ୟ 4:7 ରେ, ଆମର ଚାରି ପ୍ରାଣୀ ରହିଥିଲେ ଯାହାକୁ ଆମେ ବର୍ତ୍ତମାନ ଅଧ୍ୟୟନ କରିଅଛୁ ।

ପ୍ରଥମଟି ହେଲା, ଆମେ ଜାଣିଲୁ…ପାଇଲୁ ଯେ, ସିଂହ ଥିଲା । ତାହା ସେହି ପ୍ରଥମ ପ୍ରାଣୀ ଥିଲା ଯାହାକି ସେହି ଦିନର ଆହ୍ୱାନକୁ ଭେଟ କରିବାକୁ ବାହାରିଥିଲା, ଯିହୁଦାର ବଂଶଜାତ ସିଂହ ।

ତାଙ୍କ ପରେ ପରବର୍ତ୍ତୀ ପ୍ରାଣୀ ଆସେ । ଏବଂ ଆମେ ଜାଣିବାକୁ ପାଇଲୁ, ଯେ ପରବର୍ତ୍ତୀ ପ୍ରାଣୀଟି ଏକ ବଳଦ ଥିଲା, ଯାହାକି ଭାର ବୋହିବାର ଏକ ପଶୁ, ବଳିଦାନର ଏକ ପଶୁ ଅଟେ । ରୋମାନ୍ କ୍ୟାଥେଡ୍ରାଲ୍ ସମୟରେ, ମଣ୍ଡଳୀ ମରିଗଲା; ବଳିଦାନ ହୋଇଗଲା ।

ପରବର୍ତ୍ତୀ ଆସିଲା, ଜଣେ ମନୁଷ୍ୟ, ଜଣେ ମନୁଷ୍ୟର ମୁଖ ଥିବା ଏକ ପ୍ରାଣୀ । ଏବଂ ସେହି ବ୍ୟକ୍ତି ସଂସ୍କାରକ ଥିଲେ, ମନୁଷ୍ୟର ଶିକ୍ଷା, ଧର୍ମଶାସ୍ତ୍ର ଜ୍ଞାନ, ଏବଂ ଇତ୍ୟାଦି ସହିତ ।

କିନ୍ତୁ ଶେଷ ପ୍ରାଣୀ ଯାହା ଉଡ଼ିବାକୁ ଥିଲା, ଆସିବାକୁ ଥିବା ସେହି ଶେଷ ପ୍ରାଣୀ, ବାଇବଲ କୁହେ ଯେ ତାହା ଏକ ଉଡ଼ନ୍ତା ଉତ୍କ୍ରୋଶ ପକ୍ଷୀ ଥିଲା । ହାଲ୍ଲେଲୁୟା! ଏବଂ ଭବିଷ୍ୟଦ୍‌ବକ୍ତା କହିଲେ, ଏହି ଦିନରେ, "ଏହା ଆଲୋକ ହେବ ।" ଓଃ, ମୋର ପ୍ରଭୁ! "ସେହି ଦିନ ଆଲୋକ ହେବ ।"

111 ସଂସ୍କାରକମାନଙ୍କର ଗୋଟିଏ ଦିନ ରହିଥିଲା । ଏପରି ଏକ ଦିନ ରହିଥିଲା ଯାହାକି କେବଳ ଏକ ଛାୟା, ଦିନ କିମ୍ବା ରାତି ବୋଲି କହିପାରିବା ନାହିଁ । କିନ୍ତୁ ସନ୍ଧ୍ୟା ସମୟରେ, ଉତ୍କ୍ରୋଶ ପକ୍ଷୀର ସମୟରେ:

ଉତ୍କ୍ରୋଶ ପକ୍ଷୀ ସମୟରେ ଏହା ଦୀପ୍ତି ହେବ,
ମହିମାର ପଥ ତୁମେ ନିଶ୍ଚିତ ପାଇବ;
ଜଳ ପଥରେ ଆଜି ଦୀପ୍ତି ଅଛି,
ଯୀଶୁଙ୍କ ବହୁମୂଲ୍ୟ ନାମରେ ସମାଧିପ୍ରାପ୍ତ ଅଟେ ।
ଯୁବା ଓ ବୃଦ୍ଧ, ନିଜର ସମସ୍ତ ପାପରୁ ମନ ଫେରଣ କର,
ପବିତ୍ରଆତ୍ମା ନିଶ୍ଚିତ ଭାବରେ ତୁମକୁ ବାପ୍ତିଜିତ କରିବେ;
କାରଣ ସନ୍ଧ୍ୟାକାଳୀନ ଦୀପ୍ତି ଆସି ଯାଇଛି,
ଏହା ଏକ ସତ୍ୟ ଯେ ପରମେଶ୍ୱର ଏବଂ ଖ୍ରୀଷ୍ଟ ଏକ ଅଟନ୍ତି ।

112 ଆମେନ୍! ସନ୍ଧ୍ୟା ସମୟରେ ଏହା ଦୀପ୍ତି ହେବ, ପରମେଶ୍ୱରଙ୍କ ମନୋନୀତ ଏକମାତ୍ର ଉପାସନାର ସ୍ଥାନ । ଓଃ, ଏହି ବାର୍ତ୍ତା କେଉଁ ଅବସ୍ଥାକୁ ଆସିଅଛି, ସେ କଅଣ କରିବାକୁ ଯାଉଛନ୍ତି? ଏବଂ ତାହାଙ୍କ ଦିନରେ ସନ୍ଧ୍ୟା ସମୟରେ ଏହା ଦୀପ୍ତି ହେବ, ଏବଂ (କଅଣ?) ତାହାଙ୍କର ସନ୍ତାନମାନଙ୍କୁ ପ୍ରକୃତ ପ୍ରତିଜ୍ଞାତ ଦେଶରେ ଘରକୁ ସ୍ୱାଗତ କରିବା ନିମନ୍ତେ, ସେହି ସମାନ ଅଗ୍ନିସ୍ତମ୍ଭର ଚିହ୍ନ ଦ୍ୱାରା ଯାହାକି ଇସ୍ରାଏଲ ସନ୍ତାନଗଣକୁ ପ୍ରାନ୍ତର ଦେଇ କଢାଇ ନେଇଯାଇଥିଲା ।

ପରମେଶ୍ୱରଙ୍କ ମନୋନୀତ ଉପାସନାର ସ୍ଥାନ, ଯୀଶୁ ଖ୍ରୀଷ୍ଟ । ତାହାହିଁ ହେଉଛି ସେଠାରେ ଥିବା ଏକମାତ୍ର ସ୍ଥାନ । ତାହାହିଁ ହେଉଛି ଏକମାତ୍ର ନାମ ଯାହାକି ପରମେଶ୍ୱରଙ୍କ ପାଖରେ ପରିତ୍ରାଣ ନିମନ୍ତେ ରହିଛି । ତାହାହିଁ ହେଉଛି ଯାହାକି ସେ ସ୍ୱର୍ଗରେ ଥିବା ପରିବାରକୁ ନାମିତ କରିଛନ୍ତି, ଯେତେବେଳେକି ଏହା ପୃଥିବୀରେ ଅଛି, ତାହା ହେଉଛନ୍ତି ଯୀଶୁ ଖ୍ରୀଷ୍ଟ ।

113 ହେ ମଣ୍ଡଳୀ, ହେ ଲୋକମାନେ, ପାପୀ ବନ୍ଧୁ, ଯୀଶୁ ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ଜିନିଷ ଉପରେ ଭରସା କରନ୍ତୁ ନାହିଁ । କୌଣସି ପ୍ରଚାରକ ଉପରେ ଭରସା କରନ୍ତୁ ନାହିଁ । ଆପଣଙ୍କୁ ଉଦ୍ଧାର କରିବା ନିମନ୍ତେ ଅନ୍ୟ କାହାରି ଉପରେ ଭରସା କରନ୍ତୁ ନାହିଁ । କୌଣସି ମଣ୍ଡଳୀ, କୌଣସି ଧର୍ମମତ, କୌଣସି ନାମଧାରୀ ସଂସ୍ଥା ଉପରେ ବିଶ୍ୱାସ କରନ୍ତୁ ନାହିଁ ।

କେବଳ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଭରସା କରନ୍ତୁ, କାରଣ ସେ ସେହି ସମୟର ଆଲୋକ ଅଟନ୍ତି।

ଆସନ୍ତୁ ଆମର ମସ୍ତକ ଗୁଡିକୁ ନତ କରିବା।

ସନ୍ଧ୍ୟା ସମୟରେ ଏହା ଦୀପ୍ତି ହେବ,
ମହିମାର ପଥ ତୁମେ ନିଶ୍ଚିତ ପାଇବ;
ଜଳ ପଥରେ ଆଜି ଦୀପ୍ତି ଅଛି,
ଯୀଶୁଙ୍କ ବହୁମୂଲ୍ୟ ନାମରେ ସମାଧିପ୍ରାପ୍ତ ଅଟେ।
ଯୁବା ଓ ବୃଦ୍ଧ, ନିଜର ସମସ୍ତ ପାପରୁ ମନ ଫେରଣ କର,
ପବିତ୍ରଆତ୍ମା ନିଶ୍ଚିତ ଭାବରେ ପ୍ରବେଶ କରିବେ;
ସନ୍ଧ୍ୟାକାଳୀନ ଦୀପ୍ତି ଆସି ଯାଇଛି,
ଏହା ସତ୍ୟ ଯେ ପରମେଶ୍ୱର ଏବଂ ଖ୍ରୀଷ୍ଟ ଏକ ଅଟନ୍ତି।

114 ହେ ଭାଇ, ଭଉଣୀ, ଯଦି ଆପଣ ଏପର୍ଯ୍ୟନ୍ତ ମନଃପରିବର୍ତ୍ତନ କରି ନାହାଁନ୍ତି, ଯଦି ଆପଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇ ନାହାଁନ୍ତି, କଅଣ ଆପଣ ଆଜି ରାତିରେ ତାହା ଆରମ୍ଭ କରିବେ? କଅଣ ଆପଣ ପରମେଶ୍ୱରଙ୍କୁ ସେହି ସୁଯୋଗ ଦେବେ କି ଯେ ସେ ଆପଣଙ୍କୁ ସେହି ସ୍ଥାନକୁ ସ୍ୱାଗତ କରନ୍ତି ଯେଉଁଠାରେ ଆପଣ ତାହାଙ୍କୁ ଉପାସନା କରିପାରନ୍ତି? ମନେରଖନ୍ତୁ, ସେହି ସ୍ଥାନର ବାହାରେ, କୌଣସି ସ୍ଥାନ ନାହିଁ ଯାହାକି ପରମେଶ୍ୱର ଆପଣଙ୍କୁ ଭେଟିବା ପାଇଁ ଏବଂ ଆପଣଙ୍କର ଉପାସନାକୁ ସ୍ୱାଗତ କରିବା ପାଇଁ ପ୍ରତିଜ୍ଞା ଦେଇଛନ୍ତି।

115 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ମଧ୍ୟ ସେତିକି ନିଷ୍କାପର ଭାବରେ ଉପାସନା କରେ!" କୟିନ ମଧ୍ୟ କରିଥିଲେ। ସେ ସେହି ପ୍ରତ୍ୟେକ ବଳି ଉତ୍ସର୍ଗ କରିଥିଲେ ଯାହା ହେବଲ କରିଥିଲେ, ମାତ୍ର ଏହା ଭୁଲ ନୈବେଦ୍ୟ ଥିଲା। ଆପଣ ମଣ୍ଡଳୀକୁ ଯାଇପାରନ୍ତି, ଏବଂ ନିଜର ଦଶମାଂଶ ଦେଇପାରନ୍ତି, ଏବଂ ଜଣେ ଖ୍ରୀଷ୍ଟିଆନ ଯେପରି କରିବା ଉଚିତ ନିଜର କର୍ତ୍ତବ୍ୟ ବହନ କରିପାରନ୍ତି, ଠିକ ଯେତିକି ନିଷ୍କାପର କୌଣସି ପୁରୁଷ କିମ୍ବା ସ୍ତ୍ରୀ ହୋଇପାରନ୍ତି।

ମୁଁ ଏଠାରେ ତିରିଶ ବର୍ଷ ଧରି ଠିଆ ହୋଇଅଛି, ସହରର ଚାରିପାଖରେ, ଏବଂ ଏହି ସମାନ ବାର୍ତ୍ତା ଚିତ୍କାର କରି କହିଅଛି। ମୁଁ ବୃଦ୍ଧ ହେଉଅଛି। ମୁଁ ଆପଣମାନଙ୍କ ସହିତରେ ଅଧିକ ସମୟ ରହିପାରେ ନାହିଁ। କିନ୍ତୁ ମନେରଖନ୍ତୁ, ବିଚାର ଦିନରେ, ମୋର ସ୍ୱର ରେକର୍ଡ ହୋଇଅଛି, ଏବଂ ଏହା ଆପଣମାନଙ୍କ ବିରୁଦ୍ଧରେ କଥା କହିବ।

116 କେବଳ ଗୋଟିଏ ମାତ୍ର ସ୍ଥାନ ଅଛି ଯେଉଁଠାରେକି ପରମେଶ୍ୱର ନିଜର ନାମକୁ ରଖିଥାନ୍ତି, ଏବଂ ତାହା ଏକ ମଣ୍ଡଳୀରେ ନୁହେଁ, ମାତ୍ର ଯୀଶୁଙ୍କଠାରେ। କେବଳ ଗୋଟିଏ ମାତ୍ର ଉପାସନାର ସ୍ଥାନ ଅଛି, କେବଳ ଗୋଟିଏ ମାତ୍ର ସ୍ଥାନ ଅଛି ଯେଉଁଠାରେକି ଆପଣ ଗ୍ରହଣ କରାଯାଆନ୍ତି, ଆଉ ତାହା ପ୍ରିୟ, ଯୀଶୁ ଖ୍ରୀଷ୍ଟଙ୍କଠାରେ ଅଟେ। "ସ୍ୱର୍ଗ ତଳେ ଅନ୍ୟ

କୌଣସି ନାମ ନାହିଁ, ଯାହାକି ମନୁଷ୍ୟମାନଙ୍କ ମଧ୍ୟରେ ଦିଆଯାଇଛି, ଯାହା ଦ୍ୱାରା ଉଦ୍ଧାର ସାଧିତ ହୁଏ," ନା ମଣ୍ଡଳୀ, ନା ଧର୍ମମତ, ନା କିଛି ବିଷୟ । ଯୀଶୁ ଖ୍ରୀଷ୍ଟ!

ଏବଂ ତାହା ଏହି ଘଟିକାର ବାର୍ତ୍ତା ହେବାକୁ ଅଛି, "ସନ୍ତାନମାନଙ୍କର ହୃଦୟକୁ ପୁନଃସ୍ଥାପିତ କରିବା, ସେହି ବିଶ୍ୱାସ ନିକଟକୁ ଫେରାଇ ନେବା ଯାହାକି ଏକା ଥରକେ ସାଧୁମାନଙ୍କ ନିକଟରେ ସମର୍ପିତ କରାଯାଇଥିଲା ।" ଆଜି ରାତି କଅଣ ଆପଣ ଏହାକୁ ଗ୍ରହଣ କରିବେ ନାହିଁ କି?

ଏବଂ ଯେତେବେଳେକି ଆମେ ଆମର ମସ୍ତକଗୁଡିକୁ ନତ କରିଅଛୁ ।

117 ଏବଂ ସେମାନେ ଯେଉଁମାନେକି ପ୍ରାର୍ଥନାରେ ସ୍ମରଣ କରାଯାଉ ବୋଲି ଚାହାଁନ୍ତି, କଅଣ ଆପଣ କେବଳ ନିଜର ହାତକୁ ଉଠାଇବେ କି? ଆମେ ଏକ ବେଦୀର ଡାକରା ଦେଇପାରିବା ନାହିଁ, କାରଣ ଏହା ବହୁତ ଅଧିକ ଲୋକ ଅଛନ୍ତି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୋର ପ୍ରଭୁ! ମୋ ବାମ ପାର୍ଶ୍ୱରେ, ମୁଁ ଅନୁମାନ କରୁଛି ତିନି ଶହ ଲୋକ ଅଛନ୍ତି ।

118 ବର୍ତ୍ତମାନ ମୋର ଡାହାଣକୁ, କଅଣ ଆପଣମାନେ ନିଜର ହାତକୁ ଉଠାଇ, କହିବେ କି, "ମୋତେ ସ୍ମରଣ କରାଯାଉ ବୋଲି ମୁଁ ଚାହେଁ ।" ମୁଁ ଅନୁମାନ କରୁଛି ମୋର ଡାହାଣ ପାର୍ଶ୍ୱରେ, ଏକ ଶହ ପଚାଶ, କିମ୍ବା ଅଧିକ ଅଛନ୍ତି ।

ଆମ ପାଖରେ ଏଠାରେ ଏକ ଆରାଧନାଳୟ ଅଛି ଯେଉଁଠାରେ ଏକ ବୃହତ୍ ପୁଷ୍କରିଣୀ ଅଛି; ପାଳକ, ଜଣେ ଉତ୍ତମ ପାଳକ, ଭାଇ ଓର୍ମାନ୍ ନେଭିଲ୍, ସହଯୋଗୀ, ଏହି ବ୍ୟକ୍ତିମାନେ ଏଠାରେ ଅଛନ୍ତି ଯାହାଙ୍କୁ ଆପଣମାନେ ଦେଖନ୍ତି ଏବଂ ଭେଟନ୍ତି । ପ୍ରତ୍ୟେକ ଦିନ, ପ୍ରତ୍ୟେକ ରାତି, ପ୍ରତି ଘଣ୍ଟା, ଯେଉଁ ଲୋକମାନେ ବାପ୍ତିଜିତ ହେବାକୁ ଚାହାଁନ୍ତି, ଯେଉଁମାନେ ଅନୁତାପ କରିସାରିଛନ୍ତି, ଏହା ସର୍ବଦା ଅପେକ୍ଷା କରି ରହିଥାଏ । ଏବଂ ଯଦି ଆପଣ ସେହି ଆଦେଶକୁ ପାଳନ କରନ୍ତି, ତେବେ ଆପଣ ନିଶ୍ଚିତରେ, ପରମେଶ୍ୱରଙ୍କ ଏକ ପ୍ରତିଜ୍ଞା ଦ୍ୱାରା, ଯଦି ଆପଣ ନିଜ ହୃଦୟରେ ନିଷ୍ଠାବାନ ଅଟନ୍ତି, ପବିତ୍ର ଆତ୍ମାଙ୍କ ବାପ୍ତିସ୍ମକୁ ଗ୍ରହଣ କରିବେ ।

119 କେବଳ ଗୋଟିଏ ମାତ୍ର ଉପାସନାର ସ୍ଥାନ ଅଛି । ବର୍ତ୍ତମାନ, ତାହା ଆରାଧନାଳୟ ନୁହେଁ । ତାହା ଖ୍ରୀଷ୍ଟଙ୍କଠାରେ ଅଛି । ଆମେ ତାହାଙ୍କ ଭିତରକୁ କିପରି ପ୍ରବେଶ କରିବା? "ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଏହି ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ ।"

ଆସନ୍ତୁ ପ୍ରାର୍ଥନା କରିବା ।

120 ପ୍ରିୟ ପରମେଶ୍ୱର, ଯେତେବେଳେକି ଏହି ହାତଗୁଡ଼ିକ ଉପରକୁ ଉଠିଅଛି, ତାହା ଏହି ବିଷୟକୁ ସୂଚାଇଥିଲା ଯେ ସେହି ହାତ ତଳେ ହୃଦୟରେ କଅଣ ଅଛି, ଏକ ଦୃଢ଼ ବିଶ୍ୱାସ ଯେ ସେମାନେ ନିଶ୍ଚିତ ଅଟନ୍ତି ଯେ ସେମାନେ ତୁମଠାରୁ ସାହାଯ୍ୟ ଆବଶ୍ୟକ କରନ୍ତି । ପିତା, ମୁଁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ପ୍ରାର୍ଥନା କରେ । ଏବଂ ମୁଁ ତୁମର ବାକ୍ୟକୁ ଉଦ୍ଧୃତ କରିବାକୁ ଯାଉଅଛି । ତୁମେ କହିଲ, "ଯିଏ ମୋ ବାକ୍ୟ ଶୁଣେ, ଏବଂ ମୋହର

ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ତାହାଠାରେ ଅନନ୍ତ ଜୀବନ ଅଛି, ଏବଂ ସେ ବିଚାରକୁ ଆସିବ ନାହିଁ; ମାତ୍ର ସେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି।"

ପିତା, କିଛି ସପ୍ତାହ ହେବ ସହରରୁ ଚାଲିଯାଇଥିଲି, ଫେରି ଆସି, ପଚାରିଲି, "ଏହି ଗୋଟିକ ବିଷୟରେ?"

"କାହିଁକି, ସେମାନେ ଚାଲିଗଲେ।"

"ତେବେ, ...ବିଷୟରେ କଅଣ"

"ସେମାନେ ଚାଲିଗଲେ।"

121 ପ୍ରିୟ ପରମେଶ୍ୱର, ଜଣ ଜଣ କରି ଆମକୁ ଡକାଯାଏ, ଜଣ ଜଣ କରି ଆମକୁ ମୃତ୍ୟୁ ଛାୟାରୂପ ଉପତ୍ୟକା ଦେଇ ଯିବାର ଡାକରାକୁ ସମ୍ମୁଖୀନ ହେବାକୁ ଅଛି। ଏବଂ ମରଣଶୀଳ ଭାବେ, ତାହା ଆମ ସମସ୍ତଙ୍କ ପ୍ରତି ଆସିବାକୁ ଅଛି। କିନ୍ତୁ, ଆଜି ରାତି, ତୁମେ ଆମକୁ ତୁମର ନିବେଦନକୁ ଦେଇଅଛ, ଯେ ଯଦି ଆମେ ତାହାଙ୍କ ଉପରେ ବିଶ୍ୱାସ କରିବା ଓ ତାହାଙ୍କ ନାମରେ ବାପ୍ତିଜିତ ହେବା, ତୁମେ ଆମକୁ ଗ୍ରହଣ କରିବ। ଏବଂ ତାହାପରେ ଏହି ଶରୀର, ଖ୍ରୀଷ୍ଟଙ୍କ ଶରୀରରେ, ମଣ୍ଡଳୀରେ ନୁହେଁ, କିନ୍ତୁ ଖ୍ରୀଷ୍ଟଙ୍କ ଶରୀରରେ, ସେହି ଶରୀର ପୂର୍ବରୁ ବିଚାର ହୋଇସାରିଛି। ଏହାକୁ ଆଉ ଅଧିକ ବିଚାରକୁ ଆସିବାକୁ ପଡ଼ିବ ନାହିଁ। ପରମେଶ୍ୱର ନିଜର କ୍ରୋଧକୁ ସେହି ଶରୀର ଉପରେ ଢାଳି ଦେଇଛନ୍ତି, ଏବଂ ସେହି ଶରୀର ପାପରୁ ମୁକ୍ତ ଅଟେ; ଆଉ, ତାହାଙ୍କଠାରେ ରହିଥିବା ଯୋଗୁ, ତାହାଙ୍କର ପ୍ରାୟଶ୍ଚିତ ଦ୍ୱାରା ଯାହା ଆମ ପାଇଁ ମରିଥିଲା, ଆମକୁ ପାପରୁ ମୁକ୍ତ କରେ। ଏବଂ ସେହି ଥିରେ ଆମର ଜଣେ ଅନ୍ୟ ସହିତରେ ପରସ୍ପର ସହଭାଗିତା ରହିଅଛି, ଯେତେବେଳେକି ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ, ଆମକୁ ସମସ୍ତ ପାପ ଏବଂ ଅପବିତ୍ରତାରୁ ପରିଷ୍କାର ରଖିଥାଏ।

122 ପିତା ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜର ରାଜ୍ୟ ମଧ୍ୟକୁ ନେଇଯିବ। ହେ ପରମେଶ୍ୱର, ଏହା ପ୍ରଦାନ କର। ସେମାନଙ୍କ ମଧ୍ୟରୁ ଜଣେ ହେଲେ କେହି ନଷ୍ଟ ନ ହୋଇଯାଉ; ପୁଅ କିମ୍ବା ଝିଅ, ପୁରୁଷ କିମ୍ବା ସ୍ତ୍ରୀ କେହି ନ ହୁଅନ୍ତୁ। ପ୍ରଭୁ, ମୋର କିଛି ନିଜର ଲୋକମାନେ, ଆଜି ରାତି ଏଠାରେ ବସିଛନ୍ତି, ଯେଉଁମାନେକି ସେହି ରକ୍ତ ତଳେ ନାହାଁନ୍ତି। ମୁଁ ମୋ ବାପାଙ୍କର କଥାକୁ କେତେ ଭଲ ଭାବରେ ମନେ ପକାଇ ପାରେ! ଏବଂ ମୁଁ ପ୍ରାର୍ଥନା କରୁଛି, ହେ ପ୍ରିୟ ପରମେଶ୍ୱର, ସେମାନଙ୍କ ମଧ୍ୟରୁ କେହି ହେଲେ ବିନଷ୍ଟ ନ ହେଉନ୍ତୁ। ହେ ପ୍ରଭୁ, ଏହା ପ୍ରଦାନ କର। ମୁଁ ବର୍ତ୍ତମାନ ମୋ ପାଖରେ ଯାହା ସବୁ ବିଶ୍ୱାସ କରିବା ପାଇଁ ଅଛି, ତାହା ଦ୍ୱାରା ତୁମକୁ ବିଶ୍ୱାସ କରୁଛି।

123 ମୋ ଭାଇ, ଭଉଣୀ, ମୋର ବନ୍ଧୁମାନଙ୍କ ଉପରେ, ଆଜି ରାତିରେ ଏହି ସ୍ଥାନରେ ଏବଂ ଫୋନ୍ ଯୋଗେ ଥିବା ଲୋକମାନଙ୍କ ଉପରେ ବିଚରଣ କର। ପୂର୍ବ ତଟଠାରୁ ନେଇ ସମସ୍ତ ପଶ୍ଚିମ ପର୍ଯ୍ୟନ୍ତ, ଅନେକ ବିଭିନ୍ନ ରାଜ୍ୟଗଣରୁ ଲୋକମାନେ ଶୁଣୁଛନ୍ତି। ହେ ପ୍ରିୟ ପରମେଶ୍ୱର, ମୁଁ ପ୍ରାର୍ଥନା କରେ ଯେ, ଟ୍ୟୁସାନରେ ଥିବା ମରୁଭୂମି ଦେଇ,

ସୁଦୂର କାଲିଫର୍ନିଆରେ, ଉପରେ ନେଭାଡା ଏବଂ ଆଇଡାହୋରେ, ସେଠାରେ ପୂର୍ବରେ ଏବଂ ଆଖପାଖରେ, ତଳେ ଟେକ୍ସାସରେ; ଯେତେବେଳେକି ଏହି ନିମନ୍ତ୍ରଣ ଦିଆଯାଏ, ଲୋକମାନେ ଫିଲିଂ ଷ୍ଟେସନ୍‌ରେ, ଘରେ, ଛୋଟ ମଣ୍ଡଳୀରେ—ରେ ବସିଥାଆନ୍ତି, ଓ ଶୁଣୁଥାଆନ୍ତି। ହେ ପରମେଶ୍ୱର, ହେଉ ଯେ ଏହି ହଜିଯାଇଥିବା ପୁରୁଷ କିମ୍ବା ସ୍ତ୍ରୀ, ପୁଅ କିମ୍ବା ଝିଅ, ଏହି ସମୟରେ, ତୁମ ପାଖକୁ ଆସନ୍ତୁ। ଏହାକୁ ବର୍ତ୍ତମାନ ହିଁ ପ୍ରଦାନ କର। ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ, ଯେ ସମୟ ଥିବା ବେଳେ ସେମାନେ ଏହି ସୁରକ୍ଷାର ସ୍ଥାନକୁ ପାଇଯିବେ।

ଯେତେବେଳେ, ଆମେ କାନ୍ଥରେ ହସ୍ତଲିଖନ ଦେଖୁ, ପୃଥିବୀକୁ ଅଧୀର ହୋଇ ଯାଉଥିବାର ଦେଖୁ, ସେତେବେଳେ ଉଦ୍ଧାରର ସମୟ ସନ୍ନିକଟ ଅଟେ। ଆମ ରାଷ୍ଟ୍ରର ଏକ ଅଂଶ ବୁଡ଼ି ଯାଉଅଛି, ଅନ୍ୟ ଅଂଶ ଭୂକମ୍ପରେ ଖଣ୍ଡ ବିଖଣ୍ଡିତ ହୋଇ ବିଭକ୍ତ ହୋଇଯାଉଅଛି, ଯେପରିକି ତାହା ହେବ ବୋଲି ଯୀଶୁ ପ୍ରତିଜ୍ଞା କରିଥିଲେ। ହେ ପ୍ରଭୁ, ସେମାନଙ୍କ ପାଇଁ ତାହା ଅଧିକ ବିଳମ୍ବ ନ ହେଉ। ଏହା ହେଉ ଯେ ସେମାନେ ବର୍ତ୍ତମାନ ହିଁ ଏହାକୁ ଗ୍ରହଣ କରି ନିଅନ୍ତୁ, ଯେହେତୁ ଆମେ ସେମାନଙ୍କୁ ତୁମ ନିକଟରେ ସୁସମାଚାରର, ସଭାର ପୁରସ୍କାର ଭାବରେ ଉପସ୍ଥାପନ କରୁ, ଯୀଶୁଙ୍କ ନାମରେ। ଆମେନ୍।

124 କଅଣ ଆପଣ ତାହାଙ୍କୁ ବିଶ୍ୱାସ କରନ୍ତି କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ମୋ ବାମ ପଟରେ, କେତେ ଲୋକ ବିଶ୍ୱାସ କରନ୍ତି ଯେ ଏହା ସତ୍ୟ ଅଟେ? ନିଜର ହାତ ଉଠାନ୍ତୁ। ମୋ ଡାହାଣ ପଟରେ କେତେ? ନିଜର ହାତ ଉଠାନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଯେତେ ଦୂର ମୁଁ ଦେଖୁଛି, ପ୍ରତ୍ୟେକ ଜଣ। ତାହା ସତ୍ୟ ଅଟେ, ବନ୍ଧୁଗଣ। ପରମେଶ୍ୱର ଜାଣନ୍ତି ଯେ ଏହା ସତ୍ୟ ଅଟେ।

125 ବର୍ତ୍ତମାନ ଯେତେବେଳେ ତାହାଙ୍କଠାରେ ରହିଛୁ, ଏବଂ ତାହାଙ୍କ ଭିତରେ ଅଛୁ, ସେ ଯେଉଁ ବିଷୟ ପାଇଁ ମୃତ୍ୟୁବରଣ କରିଥିଲେ ଆପଣ ତାହା ସବୁକିଛି ପାଇପାରନ୍ତି। ଏବଂ ସେ କଅଣ ପାଇଁ ମରିଥିଲେ? "ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ, ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାଙ୍କ ଉପରେ ବର୍ତ୍ତିଲା, ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ।" କଅଣ ଆପଣ ତାହା ବିଶ୍ୱାସ କରନ୍ତି? କଅଣ ଆପଣମାନେ ବର୍ତ୍ତମାନ ଆରୋଗ୍ୟତା ପାଇଁ ତାହାଙ୍କର ପ୍ରାୟଶ୍ଚିତରେ ବିଶ୍ୱାସ କରନ୍ତି କି?

126 କଅଣ ଆମମାନଙ୍କ ମଧ୍ୟରେ କେହି ଅସୁସ୍ଥ ଅଛନ୍ତି କି? ସେମାନେ ନିଜର ହାତ ଉଠାନ୍ତୁ, ଡାହାଣ କିମ୍ବା ବାମ। ଅସୁସ୍ଥତାର ବୃହତ ସମୂହ। ମୁଁ ଧାଡିକୁ ଡାକିପାରେ ନାହିଁ। ଆପଣ ଦେଖନ୍ତୁ, ମୁଁ କରି ନାହିଁ…ମଞ୍ଚ ଉପରକୁ ଆସିପାରେ ନାହିଁ। ତାହା କରିବାର କୌଣସି ଉପାୟ ମଧ୍ୟ ନାହିଁ।

ସେମାନେ ଅନ୍ୟ ସ୍ଥାନଗୁଡିକରେ ରୋଗୀମାନଙ୍କ ପାଇଁ, ପ୍ରାର୍ଥନା ସଭାଗୁଡିକ ଆୟୋଜନ କରୁଛନ୍ତି, ଗୀର୍ଜାଗୁଡିକରେ ଏବଂ ସବୁ ସ୍ଥାନରେ, ସେଠାରେ ଆରାଧନାଳୟରେ।

ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଯାଉଛି। ଏଠାରେ କେତେ ବିଶ୍ୱାସୀ ଅଛନ୍ତି? ନିଜର ହାତ ଉଠାନ୍ତୁ। ଠିକ୍ ଅଛି। ମୁଁ ଆପଣମାନଙ୍କୁ ବାକ୍ୟ ଉଦ୍ଧୃତ କରିବାକୁ ଯାଉଅଛି, ଯାହାକି ଖ୍ରୀଷ୍ଟ ଅଟନ୍ତି। ଜଗତକୁ ଏବଂ ବରଂ, ମଣ୍ଡଳୀକୁ, ଯୀଶୁଙ୍କ ଶେଷ ଆଜ୍ଞା ଥିଲା ଯେ, ସେ ଏହା କହିଥିଲେ, "ଏହି ଚିହ୍ନଗୁଡ଼ିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ; ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତକୁ ରଖିବେ, ସେମାନେ ସୁସ୍ଥ ହୋଇଯିବେ।" କେତେଜଣ ଜାଣନ୍ତି ଯେ ତାହା ସତ୍ୟ ଅଟେ, ମାର୍କ 16, କୁହନ୍ତୁ, "ଆମେନ୍।" [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ଠିକ୍ ଅଛି। ମୁଁ ଆପଣଙ୍କୁ ଜଣେ ବିଶ୍ୱାସୀ ଭାବରେ ଆପଣଙ୍କ ସମ୍ମୁଖରେ ଥିବା କାହାରି ଉପରେ ବି ହାତ ରଖିବାକୁ କହୁଅଛି। ଆପଣଙ୍କ ସମ୍ମୁଖରେ ଥିବା କାହାରି ଉପରେ କେବଳ ନିଜର ହାତକୁ ରଖନ୍ତୁ, ଏବଂ ଆସନ୍ତୁ ଆମେ ପ୍ରତ୍ୟେକ ଜଣ ବର୍ତ୍ତମାନ ପରସ୍ପର ପାଇଁ ପ୍ରାର୍ଥନା କରିବା। ଆପଣଙ୍କ ଚାରିପାଖରେ ଥିବା କାହାରି ଉପରେ ନିଜର ହାତକୁ ରଖନ୍ତୁ।

127 ପ୍ରଭୁ, ଏଠାରେ ମୋ ସମ୍ମୁଖରେ ରୁମାଲରେ ପରିପୂର୍ଣ୍ଣ ଏକ ବାକ୍ସ ଅଛି, ଛୋଟ ଉପହାରସ୍ୱରୂପ ଅଛି; କୌଣସି ବୃଦ୍ଧ ମାଆ କେଉଁ ସ୍ଥାନରେ ପଡ଼ି ରହିଥିବେ, ମରୁଥିବେ, ମୃତ୍ୟୁ ନିକଟସ୍ଥ ଏକ ଶିଶୁ ଥିବ, ସବୁଆଡେ ଅସୁସ୍ଥ ଲୋକ ଥିବେ। ଆମେ ବାଇବଲରେ ପଢୁ ଯେ ସେମାନେ ପାଉଲଙ୍କ ଶରୀରରୁ ରୁମାଲ ଏବଂ ଅଙ୍ଗରଖାଗୁଡିକୁ ସ୍ପର୍ଶ କରାଇ ନେଇଥିଲେ, ଏବଂ ସେଗୁଡିକୁ ରୋଗୀମାନଙ୍କ ଉପରେ ରଖାଯାଇଥିଲା; ଆଉ ମନ୍ଦ ଆତ୍ମାମାନ, ଅଶୁଚି ଆତ୍ମାମାନ, ଓ ଅସୁସ୍ଥତା ଏବଂ ରୋଗଗୁଡିକ, ଲୋକମାନଙ୍କଠାରୁ ଦୂରେଇ ଯାଇଥିଲା। ବର୍ତ୍ତମାନ, ପ୍ରଭୁ, ଆମେ ଜାଣୁ ଯେ ଆମେ ସାଧୁ ପାଉଲ ନୁହଁ, କିନ୍ତୁ ଆମେ ଜାଣୁ ଯେ ତୁମେ ଏବେ ସୁଦ୍ଧା ଯୀଶୁ ଅଟ, ପରମେଶ୍ୱର-ଦତ୍ତ ଏକମାତ୍ର ଉପାସନାର ସ୍ଥାନ ଅଟ। ଏବଂ ବର୍ତ୍ତମାନ, ଆଜି, ଏହି ଲୋକମାନେ ସେମାନଙ୍କର ସେହି ସମାନ ବିଶ୍ୱାସକୁ ସ୍ୱୀକାର କରିଛନ୍ତି, ଠିକ୍ ସେହିପରି ବିଶ୍ୱାସ କରୁଛନ୍ତି ଯେପରିକି ସେହି ଲୋକମାନେ କରୁଥିଲେ। ନିଶ୍ଚିତରେ ତୁମେ ସେମାନଙ୍କ ପାଇଁ ଏକ ବାଟ ତିଆରି କରିଛ! ଏବଂ ମୁଁ ଏହି ରୁମାଲଗୁଡିକ ଉପରେ ମୋର ହାତକୁ ରଖି ଏହା ମାଗୁଛି ଯେ ସେହି ରୋଗ ଏବଂ ଦୁଃଖ ଲୋକମାନଙ୍କର ଶରୀରକୁ ଛାଡି ଦେଉ ଯେତେବେଳେକି ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତାଙ୍କ ଉପରେ ରଖାଯିବ।

128 ବର୍ତ୍ତମାନ, ଆମକୁ ଶିକ୍ଷା ଦିଆଯାଇଛି, ଯେ ଯେତେବେଳେ ଇସ୍ରାଏଲ କର୍ତ୍ତବ୍ୟର ପଥରେ, ମିସରରୁ ବାହାରି ଆସୁଥିଲେ, ସେମାନେ ସେମାନଙ୍କର ପ୍ରତିଜ୍ଞାତ ଦେଶକୁ ଯିବାର ବାଟରେ ଥିଲେ। ସୂଫ ସାଗର ସେମାନଙ୍କ ପଥରେ ଆସିଥିଲା। ଏବଂ ପରମେଶ୍ୱର ଅଗ୍ନିସ୍ତମ୍ଭ ଦେଇ ତଳକୁ ଅନାଇଲେ, ଓ ସମୁଦ୍ର ଭୟଭୀତ ହୋଇ, ପଛକୁ ଘୁଞ୍ଚିଗଲା, ଏବଂ ଇସ୍ରାଏଲକୁ ପ୍ରତିଜ୍ଞାତ ଦେଶକୁ ଯିବା ପାଇଁ ବାଟ ଦେଇ ଦେଲା। ହେ ପରମେଶ୍ୱର, ଆଜି ରାତି, ଯୀଶୁଙ୍କ ରକ୍ତ

ଦେଇ ତଳକୁ ଅନାଅ, ଏବଂ ଅସୁସ୍ଥତା ଫେରି ଘୁଞ୍ଚିଯାଉ, ଓ ଶୟତାନ ବାହାର ହୋଇଯାଉ। ଏବଂ ଏହା ହେଉ ଯେ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶକ୍ତିର ସେହି ପ୍ରତିଜ୍ଞାକୁ ଅତିକ୍ରମ କରନ୍ତୁ, ଯାହା ପରମେଶ୍ୱର କହିଥିଲେ, "ସମସ୍ତ କଥା ଉପରେ, ମୁଁ କାମନା କରେ ଯେ ତୁମେ ଉତ୍ତମ ସ୍ୱାସ୍ଥ୍ୟରେ ଉନ୍ନତି ଲାଭ କର।"

129 ତେବେ ହେ ପ୍ରଭୁ ଯୀଶୁ, ଯେପରି ତୁମେ ସେଠାରେ ଦେଖୁଛ, ଯେ ଏହି ଲୋକମାନଙ୍କର ହାତ ପରସ୍ପର ଉପରେ ରଖା ହୋଇଛି, ସେମାନେ ସେମାନଙ୍କର ବିଶ୍ୱାସକୁ ପ୍ରଦର୍ଶିତ କରୁଛନ୍ତି, ଯାହା ତୁମେ କହିଥିଲ, "ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବାର ଲୋକମାନଙ୍କର ଅନୁବର୍ତ୍ତୀ ହେବ।" ସେମାନେ ପରସ୍ପର ଜଣେ ଅନ୍ୟ ପାଇଁ, ନିଜ ନିଜ ଉପାୟରେ ପ୍ରାର୍ଥନା କରୁଛନ୍ତି। ପରବର୍ତ୍ତୀ ବ୍ୟକ୍ତିଜଣକ ସେମାନଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି।

130 ବର୍ତ୍ତମାନ, ହେ ପ୍ରଭୁ, ଏହି ଡାକରାକୁ ସମ୍ମୁଖିନ କରାଯାଇଛି, ସେହି ଶୟତାନ, ସେହି ବଡ ଠକ, ତାହା ପାଖରେ ପରମେଶ୍ୱରଙ୍କ ଜଣେ ସନ୍ତାନକୁ ଧରି ରଖିବାର କୌଣସି ଅଧିକାର ନାହିଁ। ସେ ଜଣେ ପରାଜିତ ପ୍ରାଣୀ ଅଟେ। ଏକମାତ୍ର ଉପାସନାର ସ୍ଥାନ, ଏକମାତ୍ର ପ୍ରକୃତ ନାମ, ଯୀଶୁ ଖ୍ରୀଷ୍ଟ ତାକୁ କାଲବରୀରେ ପରାସ୍ତ କରିଥିଲେ। ଆଉ ବର୍ତ୍ତମାନ ଆମେ ତାହାଙ୍କର ରକ୍ତକୁ ଦାବି କରୁଛୁ, ଯାହାକି ସେ ପ୍ରତ୍ୟେକ ଅସୁସ୍ଥତା, ପ୍ରତ୍ୟେକ ରୋଗକୁ ପରାସ୍ତ କରିଛନ୍ତି।

ଏବଂ ମୁଁ ଶୟତାନକୁ ଏହି ଦର୍ଶକବୃନ୍ଦଙ୍କୁ ଛାଡି ଯିବାକୁ ଧମକ ଦିଏ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଲୋକମାନଙ୍କଠାରୁ ବାହାରି ଆସ, ଏବଂ ସେମାନେ ମୁକ୍ତ ହେଉନ୍ତୁ।

131 ପ୍ରତ୍ୟେକ ଜଣ ଯେଉଁମାନେକି ଲିଖିତ ବାକ୍ୟର ଆଧାରରେ ସେମାନଙ୍କର ଆରୋଗ୍ୟତାକୁ ଗ୍ରହଣ କରନ୍ତି, ନିଜ ଗୋଡ଼ରେ ଛିଡ଼ା ହୋଇ ଏବଂ ଏହା କହି ନିଜର ସାକ୍ଷ୍ୟ ଦିଅନ୍ତୁ, "ମୁଁ ବର୍ତ୍ତମାନ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୋର ଆରୋଗ୍ୟତାକୁ ଗ୍ରହଣ କରେ।" ନିଜ ଗୋଡରେ ଛିଡା ହୁଅନ୍ତୁ।

ପରମେଶ୍ୱରଙ୍କର ପ୍ରଶଂସା ହେଉ। ଆପଣ ସେଠାରେ ଅଛନ୍ତି। ଅପଙ୍ଗ ଏବଂ ଅନ୍ୟାନ୍ୟ ବିଷୟ ଉଠିବା ସମ୍ବନ୍ଧରେ, ଏଠାରେ ଦେଖନ୍ତୁ। ପରମେଶ୍ୱରଙ୍କର ପ୍ରଶଂସା ହେଉ। ଏହାହିଁ ତାହା ଅଟେ। କେବଳ ବିଶ୍ୱାସ କରନ୍ତୁ। ସେ ଏଠାରେ ଅଛନ୍ତି। କେତେ ଅଦ୍ଭୁତ ଅଟେ!

132 ଦର୍ଶକବୃନ୍ଦଙ୍କ ଭିତରେ, ବାହାରେ, ଫୋନ୍ ଦ୍ୱାରା, ଆପଣ ଦେଖିବା ଉଚିତ୍! ମୁଁ ଭାବୁଛି ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି, ଯେତେ ଦୂର ମୁଁ ଜାଣେ, କିମ୍ବା ସେମାନଙ୍କ ମଧ୍ୟରୁ ଅଧିକାଂଶ, ଏହି ସମୟରେ ଛିଡ଼ା ହୋଇଛନ୍ତି। ଓଃ, କି ଏକ ଅଦ୍ଭୁତ ସମୟ! ପ୍ରଭୁଙ୍କର ଉପସ୍ଥିତି, ତାହା ହିଁ ଅଟେ ଯାହାକି! "ଯେଉଁଠାରେ ପ୍ରଭୁଙ୍କର ଉପସ୍ଥିତି ଅଛି, ସେଠାରେ ସ୍ୱାଧୀନତା ଅଛି, ସେଠାରେ ସ୍ୱତନ୍ତ୍ରତା ଅଛି।" ପରମେଶ୍ୱରଙ୍କ ଆତ୍ମା ଆମକୁ ମୁକ୍ତ କରେ।

133 ବର୍ତ୍ତମାନ ସେ ଯେ ଆମକୁ ସୁସ୍ଥ କରିଛନ୍ତି, ଆମେ ତାହା ବିଶ୍ୱାସ କରୁ। ସେ ଆମକୁ ଉଦ୍ଧାର କଲେ; ଆମେ ତାହା ବିଶ୍ୱାସ କରୁ। ଯେଉଁମାନେ ବାପ୍ତିଜିତ ହେବାକୁ ଚାହାଁନ୍ତି, ପୁଷ୍କରିଣୀ

ପ୍ରସ୍ତୁତ ଅଛି । ଯେକୌଣସି ସମୟ, ଯେକୌଣସି ଘଟିକା ଯାହା ଆପଣ ଆସିବାକୁ ଚାହାଁନ୍ତି, ସେଠାରେ ଆପଣଙ୍କ ପରିଚର୍ଯ୍ୟା ନିମନ୍ତେ କେହି ନା କେହି ଉପସ୍ଥିତ ରହିଥିବେ ।

ଏବଂ ବର୍ତ୍ତମାନ ମୁଁ ଭାବୁଛି, ଆମେ ସମାପ୍ତ କରିବା ପୂର୍ବରୁ, ଆମେ ମଣ୍ଡଳୀର ଏକ ପୁରୁଣା ଭଜନ ଗାଇବା ଉଚିତ୍ । "ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ ।" ପରମେଶ୍ୱରଙ୍କ ନିକଟରେ ନିଜର ହାତ ଉଠାନ୍ତୁ ଓ ଏହାକୁ ସମସ୍ତ ହୃଦୟରେ ଗାନ କରନ୍ତୁ!

ଆମେ ଆପଣମାନଙ୍କୁ ଏଠାରେ ସକାଳେ, ନଅଟା-ତିରିଶରେ, ଏହି ସମାନ ଭବନରେ, *ବିବାହ ଏବଂ ଛାଡପତ୍ର* ବିଷୟ ପାଇଁ ସାକ୍ଷାତ କରିବାକୁ ଚାହୁଁ । ଠିକ୍ ଅଛି ।

ଆସନ୍ତୁ ବର୍ତ୍ତମାନ ଆମେ ଏହାକୁ ଏକାଠି ଗାଇବା ।

> ମୁଁ ତାହାଙ୍କୁ ପ୍ରେମ କରେ,

ବର୍ତ୍ତମାନ ଏହି ବୃହତ୍ ଦର୍ଶକବୃନ୍ଦ ଗୀତ ଗାଆନ୍ତୁ! ତାରରେ ଟେଲିଫୋନ୍ ଯୋଗେ ଯେଉଁମାନେ ବାହାରେ ଅଛନ୍ତି, ସେମାନେ ମଧ୍ୟ, ଏହାକୁ ଗାନ କରନ୍ତୁ ।

> କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
> ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
> କାଲବରୀ ବୃକ୍ଷ ଉପରେ ।

134 ତାହା କେଉଁଠାରେ ସାଧନ କରାଯାଇଥିଲା? କାଲବରୀ ବୃକ୍ଷ ଉପରେ । ଯେତେବେଳେ ଆମେ ଏହାକୁ ପୁନର୍ବାର ଗାନ କରୁ, ମୁଁ ଚାହେଁ ଯେ ଆପଣ ନିଜର ଚାରିପାଖରେ ଥିବା କାହାରି ସହିତ ହାତ ମିଶାନ୍ତୁ, କୁହନ୍ତୁ, "ତୀର୍ଥଯାତ୍ରୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।"

> ମୁଁ...(...?...)
> କାରଣ ସେ ପ୍ରଥମେ...
> ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
> ଉପରେ...

135 ଓଃ, କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି ନାହିଁ କି? କଅଣ ସେ ଆଶ୍ଚର୍ଯ୍ୟଜନକ ନୁହଁନ୍ତି କି? କଅଣ ସେ ଆପଣଙ୍କର ଲୁଚି ରହିଥିବାର ସ୍ଥାନ କି? ସେ କ୍ଲାନ୍ତ ଦେଶରେ ଏକ ଶୈଳ, ଝଡ଼ ସମୟରେ ଏକ ଆଶ୍ରୟସ୍ଥଳ, ମୁଁ ଜାଣିଥିବାର ଏକମାତ୍ର ଶରଣସ୍ଥାନ ଅଟନ୍ତି । ଅତଏବ:

> ମୋର ବିଶ୍ୱାସ ତୁମ ଆଡ଼କୁ ଦେଖେ,
> ହେ କାଲବରୀର ମେଷଶାବକ,

ଦିବ୍ୟ ତ୍ରାଣକର୍ତ୍ତା;
ତେବେ ମୁଁ ପ୍ରାର୍ଥନା କଲାବେଳେ ଶୁଣ,
ମୋର ସମସ୍ତ ଦୋଷକୁ ଦୂର କରି ଦିଅ,
ଏହି ଦିନଠାରୁ ମୋତେ
ସମ୍ପୂର୍ଣ୍ଣ ତୁମର ହେବାକୁ ଦିଅ!

ଆସନ୍ତୁ ଆମେ ଏହାକୁ ଗାଇବାବେଳେ ନିଜର ହାତକୁ ଉଠାଇବା ।

ମୋର ବିଶ୍ୱାସ ତୁମ ଆଡ଼କୁ ଦେଖେ,
ହେ କାଲବରୀର ମେଷଶାବକ,
ହେ ଦିବ୍ୟ ତ୍ରାଣକର୍ତ୍ତା;
ତେବେ ମୁଁ ପ୍ରାର୍ଥନା କଲାବେଳେ ଶୁଣ,
ମୋର ସମସ୍ତ ପାପକୁ ଦୂର କରି ଦିଅ,
ଓଃ ଏହି ଦିନଠାରୁ ମୋତେ
ସମ୍ପୂର୍ଣ୍ଣ ତୁମର ହେବାକୁ ଦିଅ!

ତେବେ ଆସନ୍ତୁ ଆମେ ଏହାକୁ ଗୁଣୁ ଗୁଣୁ କରୁଥିବା ବେଳେ ନିଜର ମସ୍ତକଗୁଡିକୁ ନତ କରିବା ।

ଯେତେବେଳେକି ଜୀବନର ଅନ୍ଧକାର ବାଟବଣା ମାର୍ଗରେ ମୁଁ ପାଦ
ଦିଏ,
ଏବଂ ମୋର ଚାରିଆଡେ ଦୁଃଖ ବ୍ୟାପିଯାଏ,
ତୁମେ ମୋର ମାର୍ଗଦର୍ଶକ ହୁଅ;
ଅନ୍ଧକାରକୁ ଦୂରେଇ ଦେଇ ଦିନରେ ପରିଣତ କର,
ଦୁଃଖର ଲୁହ ପୋଛି ଦିଅ,
କିମ୍ବା ମୋତେ କଦାପି ଭ୍ରାନ୍ତ ହେବାକୁ ଦିଅ ନାହିଁ
ତୁମ ପାଖରୁ ।

ଯେତେବେଳେକି ଆପଣ ନିଜର ମସ୍ତକଗୁଡିକୁ ନତ କରିଛନ୍ତି, ଆମର ପ୍ରିୟ ପାଳକ, ଭାଇ ଓର୍ମାନ ନେଭିଲ, ଦର୍ଶକବୃନ୍ଦଙ୍କୁ ବିସର୍ଜିତ କରିବେ ।

***ପରମେଶ୍ୱରଙ୍କ ମନୋନୀତ ଉପାସନାର ସ୍ଥାନ*** ORI65-0220

(God's Chosen Place Of Worship)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଫେବୃୟାରୀ 20, ୧୨୬୫, ଶନିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ପାର୍କଭ୍ୟୁ ଜୁନିୟର୍ ହାଇସ୍କୁଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org